

# ଭୁବନେଶ୍ୱର ସିଟି

## ଖୋଲୁଛି କୁଖ୍ୟାତ ଠକ ବୁଲୁର ଗୁମର

# ଏଏସ୍‌ଓ ଚାକିରି ନାଁରେ ଭଉଣୀକୁ ଠକିଛି ୯ ଲକ୍ଷ

ଭୁବନେଶ୍ୱର, ୧୦।୩ (ସମିସ): ସରକାରୀ ଚାକିରି ଆଳରେ ୧୪ ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗରେ ଧୂର୍ତ୍ତକୁ ଗିରଫ କରିଛି କ୍ୟାପିଟାଲ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଖଲ୍ଲିକୋଟ ଥାନା ଗୋପପୁରର ବୁଲୁ ଗୌଡ଼ (୪୦)।

■ ୭ ବର୍ଷ ଧରି ଚଳାଇଛି ଠକେଇ ସାମ୍ରାଜ୍ୟ

■ ରିମାଣ୍ଡରେ ନେଇପାରେ ଭଞ୍ଜନଗର ପୁଲିସ



ପୁଲିସ ସୂଚନା ମୁତାବକ, ଜୟପୁରର ସୁଶାନ୍ତ କୁମାର ପାଢ଼ୀ ୨୦୨୪ ମସିହାରେ ବୁଲୁ ସଂସ୍ପର୍ଶରେ ଆସିବା ପରେ ସରକାରୀ ସ୍ତରରେ ତାର ଦଖଲ ଅଛି ବୋଲି କହିଥିଲା। ଆଲୋଚନା ବେଳେ ସୁଶାନ୍ତଙ୍କ ପତ୍ନୀ ସୁନୀତା କୁମାରୀ ସାମନ୍ତରାୟ ଓ ଶାଳୀ ସାଗରିକା ପାତ୍ରଙ୍କର ସରକାରୀ ଚାକିରି କରାଇଦେବ ବୋଲି ବୁଲୁ ପ୍ରତିଶ୍ରୁତି ଦେଇଥିଲା। ସୁଶାନ୍ତ ତାର କଥାରେ ବିଶ୍ୱାସ କରି ବିଭିନ୍ନ ପର୍ଯ୍ୟାୟରେ ମୋଟ ୧୪ ଲକ୍ଷ ଟଙ୍କା ଦେଇଥିଲେ। ଏସବୁ ପରେ ବୁଲୁ ଚାକିରି ଦେଇନଥିଲା କି ଟଙ୍କା ମଧ୍ୟ ଫେରାଇ ନଥିଲା। ଏନେଇ ସୁଶାନ୍ତ କ୍ୟାପିଟାଲ ଥାନାରେ ଏତଲା ଦେବାପରେ ପୁଲିସ ବୁଲୁକୁ ଗିରଫ କରିଛି। ବୁଲୁ ଗିରଫ ହେବାପରେ ଠକେଇର ଗୁମର ଖୋଲିବାରେ ଲାଗିଛି। ଦୀର୍ଘ ୭ ବର୍ଷ ହେବ ବୁଲୁ ଏହି ଠକେଇ ସାମ୍ରାଜ୍ୟ ଚଳାଇଥିବା ତଦନ୍ତ ବେଳେ ସାମ୍ନାକୁ ଆସିଛି। କବିସୂର୍ଯ୍ୟନଗରର ଅଶୋକ କୁମାର ପ୍ରଧାନ ପଢ଼ାପଢ଼ି ସାରି ଚାକିରି ସନ୍ଧାନରେ ଥିଲେ। ସେହି ସମୟରେ ବୁଲୁ ତାଙ୍କ ସହ ଯୋଗାଯୋଗରେ ଆସି ସରକାରୀ ଚାକିରି କରାଇଦେବ ବୋଲି କହିଥିଲା। ଅଶୋକ ୪ ଲକ୍ଷ ଟଙ୍କା ଦେବା ପରେ ମଧ୍ୟ ବୁଲୁ କୌଣସି ଚାକିରି ଯୋଗାଇ ନଥିଲା। ଅଶୋକ ଏନେଇ ଖଲ୍ଲିକୋଟ ଥାନାରେ ଏତଲା ଦେଇଛନ୍ତି।

ବୁଲୁ ବିରୋଧରେ ଅଭିଯୋଗର ଫର୍ଦ୍ଦ ଏତିକିରେ ସରିନାହିଁ। ଏମିତିକି ନିଜ ସମ୍ପର୍କୀୟ ଭଉଣୀକୁ ମଧ୍ୟ ବୁଲୁ ଛାଡ଼ି ନାହିଁ। ବୁଲୁର ସମ୍ପର୍କୀୟ ଭଉଣୀ ତଥା ଗାଙ୍ଗପୁରର କଳ୍ପନା ସେଠୀ ଜିଲୁଣ୍ଡିରେ ରହି ପଢ଼ାପଢ଼ି କରୁଥିଲେ। ବୁଲୁ ତାଙ୍କୁ ଏଏସ୍‌ଓ ଚାକିରି କରାଇଦେବ ବୋଲି ପ୍ରତିଶ୍ରୁତି ଦେଇଥିଲା। କଳ୍ପନା ଭାଇ ବୋଲି ବିଶ୍ୱାସ କରି ବୁଲୁକୁ ୯ ଲକ୍ଷ ଟଙ୍କା ଦେଇଥିଲେ। କିନ୍ତୁ ବୁଲୁ ଟଙ୍କା ନେବାପରେ ଆଉ ଧରାଛୁଆଁ ଦେଇନଥିଲା। ଏମିତିକି ଟଙ୍କା ମାଗିବାରୁ ସମ୍ପର୍କୀୟ ଭଉଣୀ କଳ୍ପନାକୁ ହତ୍ୟା କରିବ ବୋଲି ଧମକ ଦେଇଥିଲା। କଳ୍ପନା ଏନେଇ ଭଞ୍ଜନଗର ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଛି। ଆବଶ୍ୟକ ପଡ଼ିଲେ ଭଞ୍ଜନଗର ପୁଲିସ ବୁଲୁକୁ ରିମାଣ୍ଡରେ ନେବାକୁ ଆବେଦନ କରିବ।

## ଜମି ଦେବା ଆଳରେ ୧୨ ଲକ୍ଷ ଠକେଇ

ଯାଁଳା, ୧୦।୩(ସମିସ): ଜମି ଦେବା ଆଳରେ ଜଣେ ମହିଳାଙ୍କଠାରୁ ୧୨ ଲକ୍ଷ ଟଙ୍କା ଠକି ନେବା ଅଭିଯୋଗରେ ଇନଫୋସିଟି ଥାନା ପୁଲିସ ଜଣେ ବ୍ୟକ୍ତିକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲା ଇନଫୋସିଟି ଥାନା ହରପୁର ଗ୍ରାମର ବଳଭଦ୍ର ମାର୍ଥା ଓରଫ ରାହୁଲ।

ଖବର ନେବାରୁ ଜଣାପଡ଼ିଛି ଯେ, ବିନତି ନାଏକ ଗତ କିଛି ମାସ ତଳେ ତାଙ୍କ ଦୂର ସମ୍ପର୍କୀୟ କିଶୋର କୁମାର ନାଏକ ଓରଫ ଦ୍ୱୀପୁଙ୍କ ମାଧ୍ୟମରେ ରାହୁଲ ସହ ଚିହ୍ନା ପରିଚିତ ହୋଇଥିଲେ। ପରେ ସମ୍ପର୍କ ବଢ଼ିଥିଲା। ଗତ ଡ଼ିସେମ୍ବର ମାସରେ ଦ୍ୱୀପୁ ଓ ରାହୁଲ ହରପୁରୁ ମୌଜାରେ ଏକ ଜମି କିଣିବା ପାଇଁ ପ୍ରବର୍ତ୍ତାଇ ଥିଲେ। ଜମିର ମୂଲ୍ୟ ୫୦ ଲକ୍ଷ ଟଙ୍କା ଧାର୍ଯ୍ୟ କରାଯାଇଥିଲା। ଦ୍ୱୀପୁ ଓ ରାହୁଲ ଉପରେ ବିଶ୍ୱାସ କରି ବିନତି ବିଭିନ୍ନ କିସ୍ତିରେ ୧୨ ଲକ୍ଷ ୧୦ ହଜାର ଟଙ୍କା ଦେଇଥିଲେ। ଦୁଇ ଠକ ଉକ୍ତ ଧାର୍ଯ୍ୟ ତାରିଖରେ ରେଜିଷ୍ଟ୍ରେସନ କରିବାକୁ ଧରା ଛୁଆଁ ଦେଇ ନ ଥିଲେ। ବିନତି ଫୋନ କରିବାରୁ ବାରମ୍ବାର ତାରିଖ ଗଡ଼ାଇ ଚାଲିଲେ। ତେଣୁ ବିନତି ଜମିର କାଗଜପତ୍ର ଯାଞ୍ଚ ସମୟରେ ଗତ ଜାନୁୟାରୀ ୯ ତାରିଖରେ ଉକ୍ତ ଜମିକୁ ଅନ୍ୟ ଏକ ମାଲିକଙ୍କ ନାଁ ରେ ରେଜିଷ୍ଟ୍ରେସନ ହୋଇଥିବା ଜାଣିବାକୁ ପାଇଥିଲେ। ତେଣୁ ବିନତି ବାଧ୍ୟ ହୋଇ ରାହୁଲ ଓ ଦିପୁ ପାଖକୁ ଆସି ଟଙ୍କା ଫେରସ୍ତ ଦେବାକୁ କହିଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ରାହୁଲ, ବିନତୀଙ୍କୁ ଟଙ୍କା ମାଗିଲେ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଏନେଇ ଫେବୃଆରୀ ୪ ତାରିଖ ଦିନ ବିନତି ଇନଫୋସିଟି ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୁଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତ ଠକ ରାହୁଲକୁ ଗିରଫ କରି ଅଦାଲତ ଚାଲାଣ କରିଛି।

● ଜିଆର୍‌ପି ହାତରେ ଟ୍ରେନ୍ ଲୁଟେରା ଗ୍ୟାଙ୍ଗ

## ୪ ଗିରଫ; ୮୯ ମୋବାଇଲ ଜବତ



ଭୁବନେଶ୍ୱର, ୧୦।୩ (ସମିସ): ଚଳନ୍ତା ଟ୍ରେନରେ ଯାତ୍ରୀମାନଙ୍କ ଠାରୁ ଲୁଟପାଟ କରୁଥିବା ଗ୍ୟାଙ୍ଗକୁ ଗିରଫ କରିଛି ସରକାରୀ ରେଳବାଇ ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ, କଦଳୀ ଗୋଦାମର ଜଗନ୍ନାଥ ବେହେରା ଓରଫ୍ ଡୁଡୁ (୩୯), କଳ୍ପନା ଛକର ପ୍ରୟାସ ମହାନ୍ତି ଓରଫ୍ ରାଜା (୩୭), ଚିନ୍ତାମଣିଶ୍ୱର ଅଞ୍ଚଳର ଭବାନୀ ଶଙ୍କର ମହାପାତ୍ର ଓରଫ୍ ବାନା (୩୭) ଓ କଳ୍ପନା ଶ୍ରମିକ ଷ୍ଟାଣ୍ଡରେ ରହୁଥିବା ମନୋଜ କୁମାର ପଣ୍ଡା ଓରଫ୍ ବାବୁ (୨୯)।

ପୁଲିସ ସୂଚନାନୁଯାୟୀ, ସୋମବାର ରାତିରେ ଭୁବନେଶ୍ୱର ଜିଆରପିର ଏକ ଟିମ୍ ଷ୍ଟେସନ ପରିସରରେ ପାଟ୍ରୋଲିଂ କରୁଥିଲେ। ସେହି ସମୟରେ ସନ୍ଦେହଜନକ ଅବସ୍ଥାରେ ବୁଲୁଥିବା ଡୁଡୁ ଓ ରାଜାକୁ କାବୁ କରି ଥାନାକୁ ଆଣିଥିଲା। ଦୁଇ ଜଣଙ୍କ ଠାରୁ ୭ଟି ମୋବାଇଲ ଫୋନ ଜବତ କରିଥିଲେ ମଧ୍ୟ ସେମାନେ କୌଣସି କାଗଜପତ୍ର ଦେଖାଇ ପାରି ନ ଥିଲେ। ଅଭିଯୁକ୍ତମାନେ ଚଳନ୍ତା ଟ୍ରେନରେ ଯାଉଥିବା ଯାତ୍ରୀଙ୍କ ଠାରୁ ମୋବାଇଲ ଗୁଡ଼ିକ ଲୁଟ୍ କରିଥିବା ନେଇ ପୁଲିସ ଆଗରେ ସ୍ୱୀକାର କରିଥିଲେ। ରାଜା ଓ ଡୁଡୁ ମୋବାଇଲ ଲୁଟ୍ କରିବା ପରେ ବାନା ଓ ବାବୁ ମାଧ୍ୟମରେ ବିକ୍ରି କରୁଥିଲେ ବୋଲି ତଦନ୍ତ ବେଳେ ଜାଣିବାକୁ ପାଇଥିଲା ପୁଲିସ।

କଳ୍ପନା ଛକରେ ଚଢ଼ଉ କରି ବାନା ଓ ବାବୁକୁ ଉଠାଇ ଆଣିଥିଲା ପୁଲିସ। ସେମାନଙ୍କୁ ପଚରାଉଚରା କରିବା ପରେ ବଡ଼ ଲୁଟେରା ଗ୍ୟାଙ୍ଗର ପର୍ଦ୍ଦାଫାସ ହୋଇଥିଲା। ୪ ଅଭିଯୁକ୍ତଙ୍କୁ ଧରି ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲା ପୁଲିସ। ବାଧା ହେପାଜତରୁ ୫୨ଟି ଓ ବାବୁ ଠାରୁ ୩୦ଟି ମୋବାଇଲ ଜବତ କରିଥିଲା। ୪ ଅଭିଯୁକ୍ତଙ୍କ ଠାରୁ ମୋଟ ୮୯ ଲୁଟ୍ ମୋବାଇଲ ଜବତ ହୋଇଥିଲା। ଏନେଇ ଜିଆରପି ଥାନା ଏକ ମାମଲା ରୁଜୁ କରି ୪ ଜଣଙ୍କୁ କୋର୍ଟ ଚାଲାଣ କରିଛି।

● ପୁରୀ ବାଇପାସ୍ ଦେଇ ଗଞ୍ଜେଇ ଚାଲାଣ

## ୪୯ କିଲୋ ଗଞ୍ଜେଇ ଭର୍ତ୍ତି କାର୍ ଜବତ; ୫ ଗିରଫ



ଭୁବନେଶ୍ୱର, ୧୦।୩(ସମିସ): କନ୍ଧମାଳରୁ ରାଜଧାନୀକୁ ଗଞ୍ଜେଇ ଚାଲାଣ କରୁଥିବା ଅଭିଯୋଗରେ ୫ଜଣଙ୍କୁ ଗିରଫ କରିଛି ସ୍ପେଶାଲ କ୍ରାଇମ୍ ୟୁନିଟ୍ (ଏସ୍‌ସିୟୁ)। ଗିରଫ ଅଭିଯୁକ୍ତମାନେ ହେଉଛନ୍ତି କନ୍ଧମାଳର ସାହିଲ କୁମାର ପଣ୍ଡା (୨୨), ସିମୋନ ଶେଖର ନାୟକ(୨୨), କିଶନ କୁମାର ନାୟକ ୨୨), ନୟାଗଡ଼ର ଚିନ୍ମୟ କୁମାର ସାହୁ (୧୯) ଓ ବଡ଼ଗଡ଼ର ଅଂଶୁମାନ ସ୍ୱାଇଁ(୧୯)। ପୁଲିସ ସୂଚନାନୁସାରେ, ଅଭିଯୁକ୍ତମାନେ କନ୍ଧମାଳରୁ ଗଞ୍ଜେଇ ସଂଗ୍ରହ କରିବା ପରେ କାର୍‌ରେ ଭୁବନେଶ୍ୱରକୁ ଆଣୁଥିଲେ। ଖବରପାଇ ଏସ୍‌ସିୟୁ ଟିମ୍ ପୁରୀ ବାଇପାସ୍‌ର ଏସ୍‌ଆର ଭିଲ୍ଲା ମଣ୍ଡପ ନିକଟରେ ଛକି ରହିଥିଲା। ପୁଲିସ ଅଟକାଇବାରୁ ଅଭିଯୁକ୍ତମାନେ ଖସିଯିବାକୁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ଏସ୍‌ସିୟୁ ୫ ଜଣଙ୍କୁ ଗିରଫ କରିବା ସହ କାର ଯାଞ୍ଚ କରିଥିଲା। ତଲାସୀ ସମୟରେ କାର୍ ଭିତରୁ ୪୯ କିଲୋ ଗଞ୍ଜେଇ ଜବତ କରିଥିଲା। ଏନେଇ ସ୍ପେଶାଲ କ୍ରାଇମ୍ ୟୁନିଟ୍ ଏକ ମାମଲା ରୁଜୁ କରି ୫ ଜଣଙ୍କୁ କୋର୍ଟ ଚାଲାଣ କରିଛି।

## ମରଣାନ୍ତକ ଆକ୍ରମଣ କରି ଯୁବକ ଗିରଫ

ହଂସପାଳ, ୧୦।୩(ସମିସ): ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ପାହାଳ ଥାନା ପୋଲିସ ବେଣୁପୁର ଗ୍ରାମର ଚିତ୍ତରଞ୍ଜନ ସାହୁଙ୍କ ଲିଖିତ ରିପୋର୍ଟ ଆଧାରରେ ହଂସପାଳ ଗ୍ରାମର ରାକେଶ ମହାନ୍ତି ଓରଫ ରିଣ୍ଟୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁସାରେ ଚିତ୍ତରଞ୍ଜନର ହଂସପାଳ ପୁରୀ କେନାଲ ଛକରେ ଥିବା 'ବାଦଶାହା ହୋଟେଲ' ନାମକ ହୋଟେଲ ରହିଛି। ତାଙ୍କ ପୁଅ ସୌମ୍ୟରଞ୍ଜନ ସାହୁ ମଧ୍ୟ ସେହି ହୋଟେଲ ପରିଚାଳନାରେ ସହଯୋଗ କରନ୍ତି। ସେହି ହୋଟେଲରେ ମୁନା ନନ୍ଦ ଓ ମୋହନ ପଲେଇ ଦୀର୍ଘଦିନ ଧରି ସେଲ୍‌ଫସମ୍ୟାନ ଭାବେ କାମ କରୁଥିଲେ। ଗତ ୪ ତାରିଖ ମଧ୍ୟାହ୍ନ ପ୍ରାୟ ୧.୩୦ ବେଳେ କର୍ମଚାରୀ ମୁନା ନନ୍ଦ ପାଖରେ ଥିବା ଗୋଟିଏ ପାନ ଦୋକାନକୁ ପାନମସଲା କିଣିବାକୁ ଯାଇଥିଲେ। ସେତେବେଳେ ସେଠାରେ ରିଣ୍ଟୁ ଉପସ୍ଥିତ ଥିଲେ। ମୁନାଙ୍କୁ ଦେଖି ସେ ଅସଭ୍ୟ ଭାଷାରେ ଗାଳି କରି କହିଲେ ଯେ, ସେ ହୋଟେଲରେ ଟଙ୍କା ନଦେଇ ଖାଇବେ। ମୁନା ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ। ଏହା ଶୁଣି ରିଣ୍ଟୁ ରାଗିଯାଇ ମୁନାଙ୍କ କଲର ଧରି ତାଙ୍କୁ ଆକ୍ରମଣ କରିଥିଲେ। ଭୟରେ ମୁନା ହୋଟେଲ ଅଭିମୁଖେ ଦୌଡ଼ି ଯାଇଥିଲେ ଏବଂ ରିଣ୍ଟୁ ମଧ୍ୟ ତାଙ୍କୁ ଅନୁସରଣ କରିବା ସହ ଧମକ ଦେଇ ହୋଟେଲ ପର୍ଯ୍ୟନ୍ତ ଯାଇଥିଲେ। ରିଣ୍ଟୁ, ମୁନାଙ୍କୁ ଗାଳି କରୁଥିବା ଏବଂ ଆକ୍ରମଣ କରୁଥିବା ଦେଖି ମୋହନ ତାଙ୍କୁ ରୋକିବାକୁ ଚେଷ୍ଟା କରିଥିଲେ। ଏଥିରେ ରିଣ୍ଟୁ ରାଗି ଯାଇ ମୋହନ ପଲେଇଙ୍କୁ ମଧ୍ୟ ଆକ୍ରମଣ କରିଥିଲେ ଏବଂ ପରେ ଧମକ ଦେଇ ସେଠାରୁ ଚାଲିଯାଇଥିଲେ। ପ୍ରାୟ ୧୦ ମିନିଟ ପରେ, ରିଣ୍ଟୁ ପୁଣି ତାଙ୍କ ଭାଇ ଚିଣ୍ଟୁ ସହ ଫେରିଆସି ହୋଟେଲର ଆଗ ଦ୍ୱାରକୁ ଭାଙ୍ଗି ଜବରଦସ୍ତି ଭିତରକୁ ପଶିଥିଲେ। ଖଡିକା, ଲୁହାଛଡ଼ ଓ ଚେୟାର ସାହାଯ୍ୟରେ ମୋହନ ପଲେଇଙ୍କୁ ଆକ୍ରମଣ କରି ଆହତ କରିଥିଲେ। ଏହା ଶୁଣି ସୌମ୍ୟରଞ୍ଜନ ସାହୁ ହୋଟେଲରେ ପହଞ୍ଚିଥିଲେ। ତାଙ୍କୁ ଦେଖି ରିଣ୍ଟୁ ଓ ଚିଣ୍ଟୁ ଗାଳି କରି କହିଲେ ଯେ ସେ ବେଣୁପୁରରୁ ଆସି ଏଠାରେ ବ୍ୟବସାୟ କରୁଛନ୍ତି, ସେମାନେ ତାହା କରିବାକୁ ଦେବେ ନାହିଁ କହି ତାଙ୍କୁ ମଧ୍ୟ ମାଡ଼ ମାରିଥିଲେ।



## ସୁରକ୍ଷାକର୍ମୀଙ୍କ ସନ୍ଦେହଜନକ ମୃତ୍ୟୁ

ଭୁବନେଶ୍ୱର, ୧୦।୩ (ସମିସ): ଆପାର୍ଟମେଣ୍ଟରେ କାମ କରୁଥିବା ଜଣେ ସୁରକ୍ଷାକର୍ମୀଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ତମାଣ୍ଡୋ ଥାନା କେନ୍ଦ୍ରୀୟ ବିହାର ଅଞ୍ଚଳରେ ଏଭଳି ଘଟଣା ଘଟିଛି। ମୃତକ ଜଣକ ହେଉଛନ୍ତି ବାଲେଶ୍ୱର ଜିଲ୍ଲା ସୋର ଥାନା ଚକବରାହପୁରର ଚନ୍ଦନ କୁମାର ଦାସ (୫୨)। ସ୍ୱାମୀଙ୍କୁ ହତ୍ୟା କରାଯାଇଥିବା ନେଇ ସ୍ତ୍ରୀ ଅଭିଯୋଗ କରିଛନ୍ତି। ପତ୍ନୀ ସରୋଜିନୀ ଦାସଙ୍କ ଅଭିଯୋଗକ୍ରମେ ହତ୍ୟା ମାମଲା ରୁଜୁକରି ତଦନ୍ତ କରୁଛି ତମାଣ୍ଡୋ ଥାନା ପୁଲିସ।

■ ହତ୍ୟା ଅଭିଯୋଗ ଆଣିଲେ ପତ୍ନୀ

■ ସିସିଟିଭି ଯାଞ୍ଚକରି ପୁଲିସର ତନାଘନା

ସୂଚନା ଅନୁସାରେ, ଚନ୍ଦନ ପ୍ରାୟ ୧୧ ମାସ ହେବ ଏସକେଏଲ୍ ସିକ୍ୟୁରିଟି ସଂସ୍ଥା ମାଧ୍ୟମରେ କେନ୍ଦ୍ରୀୟ ବିହାର ଆପାର୍ଟମେଣ୍ଟରେ ସୁରକ୍ଷାକର୍ମୀ ଭାବେ ନିୟୋଜିତ ଥିବାବେଳେ ନିକଟରେ ଏକ ଘର ଭଡ଼ା ନେଇ ରହୁଥିଲେ। ସୋମବାର ସକାଳ ୮ଟାରୁ ଚନ୍ଦନଙ୍କର ଡ୍ୟୁଟି ଥିଲେ ମଧ୍ୟ ସେ ଯାଇ ନ ଥିଲେ। ଦିନ ପ୍ରାୟ ୧୨ଟା ପର୍ଯ୍ୟନ୍ତ କର୍ମସ୍ଥଳକୁ ନ ଆସିବାରୁ ସହଯୋଗୀ ଜଣକ ତାଙ୍କ କୋଠରିକୁ ଯାଇଥିଲେ। ହେଲେ ଚନ୍ଦନ ଅସୁସ୍ଥ ଥିବା ଦର୍ଶାଇ ଡ୍ୟୁଟିକୁ ଯିବେ ନାହିଁ ବୋଲି ମନା କରି ଦେଇଥିଲେ। ସହଯୋଗୀ ଜଣକ ମ୍ୟାନେଜରକୁ ଜଣାଇବା ପରେ ସେ ଅନ୍ୟଜଣଙ୍କୁ ଡ୍ୟୁଟିକୁ ପଠାଇବାର ବ୍ୟବସ୍ଥା କରାଉଛନ୍ତି ବୋଲି କହିଥିଲେ। ହେଲେ ବିଳମ୍ବିତ ସମୟ ପର୍ଯ୍ୟନ୍ତ କେହି ନ ଆସିବାରୁ ସହଯୋଗୀ ଜଣକ ପୁଣିଥରେ ଚନ୍ଦନଙ୍କୁ ପାଖକୁ ଯାଇଥିଲେ। ଏଥିସହିତ ଡାକ୍ତରଖାନାକୁ ଯିବାକୁ ପରାମର୍ଶ ଦେଇ ଚାଲି ଯାଇଥିଲେ।

ଚନ୍ଦନ ଦ୍ୱିପ୍ରହର ସମୟରେ ଚଟାଣରେ ପଡ଼ିଥିବା ଘର ମାଲିକାଣୀ ଦେଖିବାକୁ ପାଇଥିଲେ। ଖବରପାଇ ସହଯୋଗୀମାନେ ଆସି ସେଠାରେ ପହଞ୍ଚିଥିଲେ। ଯେତେ ଡାକିଥିଲେ ମଧ୍ୟ ଚନ୍ଦନ ଶୁଣିନଥିଲେ। ଏହାପରେ ଚନ୍ଦନଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ନିଆଯାଇଥିଲେ ମଧ୍ୟ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ସେପଟେ ସ୍ୱାମୀଙ୍କୁ କେହି ହତ୍ୟା କରିଥିବା ନେଇ ପତ୍ନୀ ସରୋଜିନୀ ଅଭିଯୋଗ କରିଛନ୍ତି। ପୁଲିସ ମଧ୍ୟ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଚନ୍ଦନ ନିଜେ ଗାଧୁଆଘରକୁ ଯାଇ ପୁଣି ରୁମକୁ ଫେରିଥିଲେ ଓ ଏହାପରେ ଅଚେତ ଅବସ୍ଥାରେ ଚଟାଣରେ ପଡ଼ିଥିଲେ ବୋଲି ସିସିଟିଭି କ୍ୟାମେରା ଫୁଟେଜ ଯାଞ୍ଚରୁ ପୁଲିସ ଜାଣିବାକୁ ପାଇଛି। ଚନ୍ଦନଙ୍କ ମୃତଦେହ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି।

## ଲୁଟ୍‌ରେ ବିଫଳ ହେବାରୁ ମହିଳାଙ୍କୁ ଦୁର୍ବ୍ୟବହାର; ଜଣେ ଗିରଫ

ଭୁବନେଶ୍ୱର, ୧୦।୩ (ସମିସ): ଲୁଟ୍ ଓ ଦୁର୍ବ୍ୟବହାର କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଧର୍ମ ବିହାର ତାରିଣୀ ବସ୍ତିର ଜଗନ୍ନାଥ ବେହେରା (୪୦)।



ପୁଲିସ ସୂଚନାନୁଯାୟୀ, ଗତକାଲି ପୁରୁଣା ଭୁବନେଶ୍ୱର ଅଞ୍ଚଳର ଭାରତୀ ସାହୁ ଖଣ୍ଡଗିରି ଛକରେ ଅଟୋରୁ ଓହ୍ଲାଇ ଭଡ଼ା ବାବଦ ଟଙ୍କା ଦେଉଥିଲେ। ସେହି ସମୟରେ ଜଗନ୍ନାଥ ତାଙ୍କ ହାତରୁ ମୋବାଇଲ ଓ ମନିପର୍ସ ଛଡ଼ାଇ ନେବାକୁ ଉଦ୍ୟମ କରିଥିଲା। ଭାରତୀ ବାଧା ଦେବାରୁ ଜଗନ୍ନାଥ ଉତକ୍ଷିପ୍ତ ହୋଇ ଆକ୍ରମଣ କରିବା ସହ ଠେଲି ଦେଇଥିଲା। ଭାରତୀଙ୍କ ଭାଇ ଆସିବାରୁ ତାଙ୍କୁ ମଧ୍ୟ ଠେଲାପେଲା କରିଥିଲା। ଲୋକମାନେ ଘଟଣାସ୍ଥଳକୁ ଦୌଡ଼ି ଆସି ଅଭିଯୁକ୍ତକୁ କାବୁ କରି ନେଇଥିଲେ। ଖବରପାଇ ପିସିଆର ଭ୍ୟାନ ପହଞ୍ଚି ଭାରତୀଙ୍କୁ ଚିକିତ୍ସା କରାଇବାକୁ ଏମ୍ସକୁ ନେଇଥିଲା। ଭାରତୀଙ୍କ ଅଭିଯୋଗ କ୍ରମେ ଖଣ୍ଡଗିରି ଥାନା ପୁଲିସ ମାମଲା ରୁଜୁ କରିବା ସହ ଜଗନ୍ନାଥକୁ ଗିରଫ କରି କୋର୍ଟ ଚାଲାଣ କରିଛି।

● ମହିଳାଙ୍କୁ ମାଡ଼ ମାରି ସୁନା ଚେନ ଲୁଟ୍ ଘଟଣା

## ଆୟୁଷ୍ମାନ ଗ୍ୟାଙ୍ଗର ୪ ଦୋଷୀ ସାବ୍ୟସ୍ତ



ଭୁବନେଶ୍ୱର, ୧୦।୩ (ସମିସ): କ୍ୟାପିଟାଲ ଥାନା ଅଞ୍ଚଳରେ ଘଟିଥିବା ଏକ ସୁନା ଚେନ ଲୁଟ୍ ଘଟଣାର ରାୟ ପ୍ରକାଶ ପାଇଛି। ଭୁବନେଶ୍ୱର ସବ୍ ଡିଭିଜନାଲ ଜୁଡିସିଆଲ ମାଜିଷ୍ଟ୍ରେଟ୍ (ଏସଡିଜେଏମ୍) ବିଚାରପତି ଅମିତ କୁମାର ମାମଲାର ବିଚାର କରି ୪ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତମାନେ ହେଲେ ଆୟୁଷ୍ମାନ ଓରଫ ଆୟୁଷ ମୋହନ ତ୍ରିପାଠୀ, ଅୟାଜ ମହମ୍ମଦ, ଦେବାଶିଷ ବାରିକ ଓ ଶିବ ପ୍ରସାଦ ବାରିକ।

ପୁଲିସ ସୂଚନାନୁସାରେ, ୟୁନିଟ୍ ୧ ଅଞ୍ଚଳର ସୁଚିତ୍ରା ପାଣିଗ୍ରାହୀ ୨୦୨୩ ମସିହା ନଭେମ୍ବର ୪ ତାରିଖ ସନ୍ଧ୍ୟାରେ ଭ୍ରମଣ ସାରି ନିଜ ସ୍କୁଟି ଯୋଗେ ଫରେଷ୍ଟ ପାର୍କରୁ ଘରକୁ ଫେରୁଥିଲେ। ସେହି ସମୟରେ ଆୟୁଷ୍ମାନ ଓ ତାର ସହଯୋଗୀ ବାଇକରେ ଆସି ସେଠାରେ ପହଞ୍ଚିଥିଲେ। ସୁଚିତ୍ରା କିଛି ବୁଝିବା ଆଗରୁ ଦୁଇ ଜଣ ଯାକ ତାଙ୍କୁ ମାଡ ମାରିବା ସହ ବେକରୁ ଏକ ସୁନା ଚେନ୍ ଓ ଲକେଟ ଛଡ଼ାଇ ନେଇଥିଲେ। ଅଭିଯୁକ୍ତଙ୍କ ମାଡ଼ରେ ସୁଚିତ୍ରା ଆହତ ହୋଇଥିଲେ। ଏନେଇ ସେ ଅଭିଯୋଗ କରିବା ପରେ କ୍ୟାପିଟାଲ ଥାନା ପୁଲିସ କେସ୍ ନଂ. - ୬୫୦/୨୩ରେ ଧାରା-୩୯୪/୩୪ ଆଇପିସି ଲଗାଇ ମାମଲା ରୁଜୁ କରିଥିଲା। ତତ୍କାଳୀନ ଏସ୍‌ଆଇ ତଥା ବର୍ତ୍ତମାନର ଇନ୍ସପେକ୍ଟର ନିରଞ୍ଜନ ବେହେରା ତଦନ୍ତ ବେଳେ ସିସିଟିଭି ଫୁଟେଜ ଯାଞ୍ଚ କରି ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲେ। ପରବର୍ତ୍ତୀ ସମୟରେ ସୁନାଚେନ୍ ଲୁଟ୍ ଓ ବିକ୍ରି କରିଥିବା ଅୟାଜ ମହମ୍ମଦ, ଦେବାଶିଷ, ଆୟୁଷ୍ମାନ ଓ ଶିବକୁ ଗିରଫ କରିବା ସହ ଚାର୍ଜସିଟ୍ ଦାଖଲ କରିଥିଲେ।

ଅଦାଲତ ଘଟଣା ସହିତ ସମ୍ପୃକ୍ତ ୧୦ ଜଣ ସାକ୍ଷୀ ଓ ପ୍ରଯୁଜ୍ୟ ଦସ୍ତାବିଜ ଆଧାରରେ ମାମଲାର ବିଚାରକରି ୪ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଆଇପିସି ଧାରା - ୩୯୪/୩୪ ଆଧାରରେ ପ୍ରତ୍ୟେକଙ୍କୁ ୧ ବର୍ଷ ୮ ମାସ ଲେଖାଏଁ ସଶ୍ରମ କାରାଦଣ୍ଡ ସହିତ ୫ ହଜାର ଟଙ୍କା ଲେଖାଏଁ ଜୋରିମନା ଦେବାକୁ ଆଦେଶ ଦେଇଛନ୍ତି। ଜୋରିମନା ଅନାଦେୟ କ୍ଷେତ୍ରରେ ଅତିରିକ୍ତ ୩ ମାସର ସଶ୍ରମ କାରାଦଣ୍ଡ ଆଦେଶ ଦେଇଛନ୍ତି। ସହକାରୀ ପବ୍ଲିକ୍ ପ୍ରୋସିକ୍ୟୁଟର ଅନ୍ୱର ଅଲ୍ଲୀ ସରକାରଙ୍କ ପକ୍ଷରୁ ଏହି ମାମଲାକୁ ପରିଚାଳନା କରୁଥିଲେ।

## ରାଜଧାନୀରେ ମହିଳା ସୁରକ୍ଷା ସ୍ଥିତି ସଂଗୀନ

# ମହିଳା ବିରୋଧୀ ହିଂସା ୧୩୯% ବୃଦ୍ଧି

ଭୁବନେଶ୍ୱର, ୧୦।୩(ସମିସ): ରାଜ୍ୟରେ ମହିଳା ବିରୋଧୀ ହିଂସାକୁ ନେଇ ବିରୋଧୀ ଦଳ କ୍ରମାଗତ ଭାବେ ବିକ୍ଷୋଭ, ପ୍ରଦର୍ଶନ କରି ଆସୁଛନ୍ତି। ଏପରିକି ମହିଳାଙ୍କ ସୁରକ୍ଷା କ୍ଷେତ୍ରରେ ରାଜଧାନୀ ଭୁବନେଶ୍ୱର ମଧ୍ୟ ଅସୁରକ୍ଷିତ ହୋଇପଡ଼ିଛି। ବିଭିନ୍ନ ସମୟରେ ଦୁଷ୍କର୍ମ, ଗଣଦୁଷ୍କର୍ମ, ଅପହରଣ ଓ ଯୌନ ଉତ୍ପୀଡ଼ନ ପରି ଘଟଣା ଭୁବନେଶ୍ୱରକୁ ବଦନାମ ଆଣି ଦେଇଛି। ବିରୋଧୀଙ୍କ ଏ ପ୍ରକାରର ଅଭିଯୋଗକୁ ନିଜେ ପରୋକ୍ଷରେ ସ୍ୱୀକାର କରିଛନ୍ତି ସରକାର। ବିଧାନସଭାରେ ବିଧାୟକ ଅଖିଳ ଚନ୍ଦ୍ର ନାଏକଙ୍କ ଏକ ଅଣତାରକା ପ୍ରଶ୍ନର ଲିଖିତ ଉତ୍ତର ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦେଇଥିବା ଉତ୍ତର ଏହି ଅବିଯୋଗକୁ ସ୍ପଷ୍ଟ କରିଛି। ୨୦୨୪ ତୁଳନାରେ ୨୦୨୫ରେ ରାଜଧାନୀରେ ମହିଳା ବିରୋଧୀ ହିଂସା ମାମଲାରେ ପ୍ରାୟ ୧୩୯ ପ୍ରତିଶତ ବୃଦ୍ଧି ଘଟିଥିବା ଜଣାପଡ଼ିଛି।

■ ୨୦୨୫ରେ ୧୧୫୯ ମାମଲା; ୧୭୦ ମହିଳା ଓ ନାବାଳିକା ଦୁଷ୍କର୍ମର ଶିକାର

■ ପୂର୍ବବର୍ଷ ନ ଥିଲା; ଗଲାବର୍ଷ ମନ୍ଦ ଉଦ୍ଦେଶ୍ୟ ରଖି ମହିଳାଙ୍କୁ ପିଛା କରିବାରେ ୨୮ ମାମଲା



ମୁଖ୍ୟମନ୍ତ୍ରୀଙ୍କ ଲିଖିତ ଉତ୍ତର ଅନୁଯାୟୀ ବର୍ଷ ୨୦୨୪ରେ ରାଜଧାନୀରେ ମହିଳା ବିରୋଧୀ ହିଂସା ମାମଲା ନେଇ ସହରର ବିଭିନ୍ନ ଥାନାରେ ମୋଟ ୪୮୫ଟି ରୁଜୁ ହୋଇଥିବା ବେଳେ ବର୍ଷ ୨୦୨୫ରେ ଏହି ସଂଖ୍ୟା ୧୧୫୯ରେ ପହଞ୍ଚିଛି। ଯାହାର ମାତ୍ରାକୁ ଦେଖିଲେ ମହିଳା ବିରୋଧୀ ହିଂସା ୧୩୯ ପ୍ରତିଶତ ବଢ଼ିଥିବା ସ୍ପଷ୍ଟ ଅନୁମେୟ ହୋଇଛି। ୨୦୨୪ରେ ସ୍ମାର୍ଟ ସିଟି ଭୁବନେଶ୍ୱରରେ ୧୪୯ ଜଣ ମହିଳା ଓ ନାବାଳିକା ଦୁଷ୍କର୍ମର ଶିକାର ହୋଇଥିବା ବେଳେ ୨୦୨୫ରେ ଏହି ସଂଖ୍ୟା ୧୭୦ରେ ପହଞ୍ଚିଛି। ୨୦୨୪ ମସିହାରେ ରାଜଧାନୀରେ ମାତ୍ର ୫ ଜଣ ମହିଳା ଅସଦାଚରଣ ଓ ୧୦ ଜଣ ମହିଳା ଯୌନ ଉତ୍ପୀଡ଼ନର ସମ୍ମୁଖୀନ ହୋଇଥିବା ବେଳେ ୨୦୨୫ ମସିହାରେ ୩୬ ଜଣ ମହିଳା ଅସଦାଚରଣର ଶିକାର ହୋଇଥିବା ବେଳେ ୩୧ ଜଣ ମହିଳା ଓ ନାବାଳିକା ଯୌନ ଉତ୍ପୀଡ଼ନର ଶିକାର ହୋଇଛନ୍ତି। ତେବେ ବର୍ଷ ୨୦୨୩ରେ ମହିଳା ବିରୋଧୀ ହିଂସା ନେଇ ମୋଟ ୩୯୮ଟି ମାମଲା ରୁଜୁ ହୋଇଥିଲା, ଯେଉଁଥିରୁ ୧୩୫ ଜଣ ମହିଳା ଦୁଷ୍କର୍ମର ଶିକାର ହୋଇଥିବା ବେଳେ ଜଣ ୬ ମହିଳା ଅସଦାଚରଣର ଶିକାର ହୋଇଥିବା ବେଳେ ୫ ଜଣ ଯୌନ ଉତ୍ପୀଡ଼ନର ସମ୍ମୁଖୀନ ହୋଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଉତ୍ତର ଅନୁଯାୟୀ ୨୦୨୫ ମସିହାରେ ରାଜଧାନୀରୁ ୨୮ ଜଣ ମହିଳା ଅପହରଣ ହୋଇଥିବା ବେଳେ ୨୦୨୪ ମସିହାରେ ଏହି ମାମଲା ସଂଖ୍ୟା ୨୦୧ ରହିଥିଲା। ଏହାବାଦ୍ ୨୦୨୪ ମସିହାରେ ୧୨ ଜଣ ମହିଳା କମେଣ୍ଟମରାର ଶିକାର ହୋଇଥିବା ବେଳେ ୨୦୨୫ ମସିହାରେ ଏହି ମାମଲା ସଂଖ୍ୟା ବଢ଼ି ୧୯ରେ ପହଞ୍ଚିଛି। ତେବେ ୨୦୨୫ ମସିହାରେ ମନ୍ଦ ଉଦ୍ଦେଶ୍ୟ ରଖି ମହିଳାଙ୍କୁ ପିଛା କରିବା ମାମଲା ସଂଖ୍ୟା ୨୮ରେ ପହଞ୍ଚିଥିବା ବେଳେ ୨୦୨୪ ମସିହାରେ ଏଭଳି କୌଣସି ମାମଲା ରାଜଧାନୀର କୌଣସି ଥାନାରେ ହୋଇ ନ ଥିବା ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀଙ୍କ ଉପରୋକ୍ତ ଉତ୍ତର ରାଜଧାନୀରେ ମହିଳା ସୁରକ୍ଷା ପ୍ରତି ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଥିବା ବେଳେ ପୁଲିସ ଏନେଇ ଅଧିକ ସତର୍କ ହେବାର ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି। ଅପରପକ୍ଷେ ବିଭିନ୍ନ ରାଜନୈତିକ ନେତାମାନେ ପୁଲିସ ଓ ପ୍ରଶାସନିକ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଦାୟୀ କରିଛନ୍ତି।



# ଭୁବନେଶ୍ୱର ସିଟି

# ତିନି ଦଫା ନେଇ ଗର୍ଜିଲେ ଆଉଟସୋର୍ସିଂ କର୍ମଚାରୀ

ଭୁବନେଶ୍ୱର, ୧୦।୩(ସମିସ): କଥା ଦେଇ କଥା ରଖୁନାହାନ୍ତି ସରକାର ବୋଲି ତିନି ଦଫା ନେଇ ଆଉଟସୋର୍ସିଂ କର୍ମଚାରୀ ମହାସଂଘର ବିଶାଳ ବିକ୍ଷୋଭ ଗାନ୍ଧୀମାର୍ଗରେ ପ୍ରଦର୍ଶିତ ହୋଇଛି। ୧୮ ମାସର ସରକାର ବିଭିନ୍ନ କାରଣରୁ ୪ ହଜାରରୁ ଅଧିକ ଜଣଙ୍କ ଛଟେଇ କରି ଆଉଟସୋର୍ସିଙ୍ଗ କର୍ମଚାରୀଙ୍କ ସହ ଅନ୍ୟାୟ କରିଛନ୍ତି। ବର୍ଷ ବର୍ଷ ଧରି ନିଷ୍ଠାପର ଭାବେ ସେବା ଯୋଗାଇ ଆସୁଥିଲେ ହେଁ ସେମାନଙ୍କୁ ସ୍ଥାୟୀ କରାଯାଉ ନାହିଁ। ବାରମ୍ବାର ଆବେଦନ କଲାପରେ ବି ମୁଖ୍ୟମନ୍ତ୍ରୀ ଦୁଇ ମିନିଟ ଶୁଣିବାକୁ ବି ସମୟ ଦେଉନଥିବା ସଂଘ ଅଭିଯୋଗ କରିଛି। ରାଜ୍ୟର ସମଗ୍ର ଆଉଟସୋର୍ସିଙ୍ଗ କର୍ମଚାରୀଙ୍କୁ ଅଣଦେଖା କରିବାରୁ ସେମାନେ ମଙ୍ଗଳବାରଠାରୁ ବିଶାଳ ଶାନ୍ତିପୂର୍ଣ୍ଣ ଧାରଣାରେ ବସିଛନ୍ତି। ରାଜ୍ୟ ସରକାର ନିଜେ ଆଉଟସୋର୍ସିଙ୍ଗ କର୍ମଚାରୀଙ୍କ ସମସ୍ୟାର ସମାଧାନ ପାଇଁ ଆଇନ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ କମିଟି କଥା ଘୋଷଣା କରିଥିଲେ ସୁଦ୍ଧା, କାହିଁକି ଉକ୍ତ କମିଟି ସହ ମୁଖ୍ୟମନ୍ତ୍ରୀ ଆଲୋଚନାକରି ସମସ୍ୟା ସମାଧାନ କରୁନାହାନ୍ତି ବୋଲି ପ୍ରଶ୍ନ କରିଛନ୍ତି। ଦୀର୍ଘ ବର୍ଷର ଅଭିଜ୍ଞତାକୁ ଆଧାରକରି ସ୍ଥାୟୀ ସ୍ଥାୟୀ କରିବା, ଛଟେଇ ବନ୍ଦ ସହ ଛଟେଇ କର୍ମଚାରୀଙ୍କୁ ପୁନଃନିଯୁକ୍ତି, ଡେଲିୱେଜେସ ଆଉଟସୋର୍ସିଙ୍ଗ ଦ୍ୱୈତ ବ୍ୟବସ୍ଥା ବଦଳରେ ଏକକ ବ୍ୟବସ୍ଥା ଗ୍ରହଣ କରିବା ଭଳି ତିନି ଦଫା ଦାବି ରଖିଛି ସଂଘ। ଏହି ଆନ୍ଦୋଳନରେ ସଭାରେ ମହାସଂଘର ଅଧ୍ୟକ୍ଷ ପ୍ରଭାତ ମହାନ୍ତି, ମହାସଚିବ ହେମନ୍ତ ବସ୍ତିଆ, ଗୌତମ ମହାରଣା, ପୂର୍ଣ୍ଣ ମିଶ୍ର ପ୍ରମୁଖ କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ।



## ପୁରୁଣା ଫଟୋ ପୁରୁଣା ସ୍ମୃତି



ଭୁବନେଶ୍ୱର, ୧୦।୩(ସମିସ): ସବୁଠି ଚାକଚକ୍ୟ। କଂକ୍ରିଟ ସଡ଼କ ସାଙ୍ଗକୁ ଆକାଶ ଛୁଉଁଥିବା ଅଟ୍ଟାଳିକା। ସେ ଦିନର ବର୍ଷା, ବସନ୍ତ ବୈଶାଖକୁ, ଉତ୍ସବ, ଉତ୍ସାହ ଆଉ ନାନା ସ୍କୁଲ ଏବଂ ପ୍ରତିଟି ଛକ, କଲୋନୀ, ମନ୍ଦିର, ଏପରିକି ବର୍ଷ ବର୍ଷ ଧରି ଠିଆ ହୋଇ ରହିଥିବା ବଡ ଗଛ ପଛରେ ମଧ ରହିଛି କିଛି ଇତିହାସ, କଥା ଓ କାହାଣୀ। ଯାହା କ୍ୟାମେରା ଆଗରେ କଏଦ୍ ହେଇ ରହୁଥିଲା। ଫଟୋ ଉଠାଇବାକୁ ସାଙ୍ଗସାଥୀ ଏବଂ ପରିବାର ଲୋକ ମିଶି ଷ୍ଟୁଡିଓ ଯାଉଥିଲେ। ଫଟୋ ଉଠିବା ପରେ ନେଗେଟିଭରୁ ବାହାରୁଥିଲା ଫଟୋ। ତା ଭିତରେ ଫଟୋ ଆସିବା ଦିନକୁ ଅପେକ୍ଷା କରିବାକୁ ପଡୁଥିଲା। ସ୍ମୃତି ସାଇତି ରଖିବାକୁ ଏହି ଫଟୋ ହିଁ ଏକମାତ୍ର ମାଧ୍ୟମ ଥିଲା। ହେଲେ ଏବେ ନୂଆ କୌଶଳରେ ଫଟୋ ଉଠୁଛି। ଶୈଳୀ ବଦଳିଛି, ପ୍ରତ୍ୟେକଙ୍କ ହାତରେ ବଡ ବଡ ସ୍ମାର୍ଟ ଫୋନ ଏବଂ କ୍ୟାମେରା। ଏହାରି ଭିତରେ ହଜିବାକୁ ବସିଛି ସେହି ପୁରୁଣା ଦିନର ସ୍ମୃତି ସାଇତିଥିବା ଫଟୋ ଷ୍ଟୁଡିଓ।

ସାମାଜିକ ଗଣମାଧ୍ୟମରେ ଅନେକ ବର୍ଷ ତଳର ଏକ ପୁରୁଣା ଷ୍ଟୁଡିଓର ଫଟୋଚିତ୍ର ଦେଖିବାକୁ ମିଳିଥିଲା। ଯାହା ଅନେକଙ୍କ ସ୍ମୃତିକୁ ମନେପକାଇଥିବା ଦେଖିବାକୁ ମିଳିଛି। ଏହି ଫଟୋଟି ପାଖାପାଖି ୪୦ ବର୍ଷ ପୁରୁଣା ବୋଲି ଜଣାପଡ଼ିଛି। ଯାହା ଏଇ ଡିଜିଟାଲ ଯୁଗରେ ଲୋପ ପାଇବାକୁ ବସିଛି। କେହି କେହି ଏହାକୁ ଲିଙ୍ଗରାଜ ମନ୍ଦିର ନିକଟ ଫଟୋ ଷ୍ଟୁଡିଓ କହୁଥିବାବେଳେ ଆଉ କିଏ ବାଣପୁରସ୍ଥିତ ବିରିଯାଇ ଫଟୋ ଷ୍ଟୁଡିଓ ତପୁଣି କିଏ କେନାଲ ରୋଡ୍‌ର ଜେମିନି ଷ୍ଟୁଡିଓ ବୋଲି ଅନୁମାନ କରିଛନ୍ତି। ସେ ଯାହା ବି ହେଉ ଏହି ୪୦ ବର୍ଷ ତଳର ପୁରୁଣା ଷ୍ଟୁଡିଓ ଅନେକଙ୍କ ସ୍ମୃତିର ପ୍ରମାଣ ସାଜି ଆସିଛି।



ବାଚସ୍ପତି ସୁରମା ପାଢ଼ୀ ଓ ଉପବାଚସ୍ପତି ଭବାନୀଶଙ୍କର ଭୋଇଙ୍କୁ ଭେଟୁଛନ୍ତି ବିଧାନସଭା ପରିଭ୍ରମଣରେ ଆସିଥିବା ୟୁନିଭରସିଟି ଲ' କଲେଜର ଛାତ୍ରଛାତ୍ରୀ

## ବଢ଼ିଚାଲିଛି ନକଲି ଚର୍ମରୋଗ ଡାକ୍ତରଙ୍କ ସଂଖ୍ୟା

ଭୁବନେଶ୍ୱର, ୧୦।୩(ସମିସ):ଓଡ଼ିଶାରେ ଶହ ଶହ ସଂଖ୍ୟାରେ ନକଲି ଚର୍ମରୋଗ ଡାକ୍ତରଙ୍କ ସଂଖ୍ୟା ବୃଦ୍ଧି ପାଉଛି। ସେମାନେ ଲେଜର ଚିକିତ୍ସା, କେମିକାଲ ପିଲ୍, କେଶ ପ୍ରତିରୋପଣ ଏବଂ ଇଞ୍ଜେକ୍ଟେବୁଲ୍ ଟ୍ରିଟ୍‌ମେଣ୍ଟ ପରି ଚିକିତ୍ସା ମଧ କରିବାକୁ ପଛାଉ ନାହାଁନ୍ତି। ଡାକ୍ତରଙ୍କ ସଂଖ୍ୟା କମ୍ ଥିବାରୁ ଏହାର ଫାଇଦା ବିଭିନ୍ନ ରାଜ୍ୟରୁ ଆସୁଥିବା ନକଲି ଡାକ୍ତରମାନେ ଉଠାଉଛନ୍ତି ବୋଲି ଇଣ୍ଡିଆନ୍ ଆସୋସିଏସନ୍ ଅଫ୍ ଡର୍ମାଟୋଲୋଜିଷ୍ଟସ୍, ଭେନେରିଓଲୋଜିଷ୍ଟିସ୍ ଆଣ୍ଡ ଲେପ୍ରୋଲୋଜିଷ୍ଟିସ୍ (ଆଇଏଡିଭିଏଲ୍) ଓଡ଼ିଶା ଶାଖା ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସଂଘର ସେକ୍ରେଟାରୀ ଡ. କୁମାର ଅଭିଷେକ କହିଛନ୍ତି। ତେବେ ବିଭିନ୍ନ ରାଜ୍ୟରୁ ଆସୁଥିବା ନକଲି ଡାକ୍ତରଙ୍କୁ ଧରିବା ପାଇଁ କିମ୍ବା ଯାଞ୍ଚ୍ କରିବା ପାଇଁ ସରକାରଙ୍କ ତରଫରୁ ଦୃଢ ପଦକ୍ଷେପ ନିଆଯାଉନଥିବା ସେ ଅଭିଯୋଗ କରିଛନ୍ତି। ଫଳରେ ଭୁଲ୍ ଚିକିତ୍ସା ଯୋଗୁଁ ଲୋକେ ଗୁରୁତର ସମସ୍ୟାର ସମ୍ମୁଖୀନ ହୋଇ ଶେଷ ମୁହୂର୍ତ୍ତରେ ଡାକ୍ତରଖାନା ଯାଉଛନ୍ତି। ଏହି ଡାକ୍ତରମାନେ ବିଭିନ୍ନ ପ୍ରକାର ବିଜ୍ଞାପନ ଦେଇ ଗ୍ରାମୀଣ ଲୋକଙ୍କୁ ଆକର୍ଷିତ କରୁଥିଲେ ମଧ ସ୍ୱାସ୍ଥ୍ୟ ବିଭାଗ ଏମାନଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରି କାହିଁକି ପଦକ୍ଷେପ ନେଉନାହାଁନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ଏ ସମ୍ପର୍କରେ ବିଭିନ୍ନ ରାଜ୍ୟର ଅଦାଲତମାନଙ୍କରେ ମଧ ମକଦ୍ଦମା ଚାଲିଥିବା ବେଳେ ତଥାପି କାହିଁକି ଏମାନଙ୍କ ସଂଖ୍ୟା ବଢ଼ି ଚାଲିଛି ସେ ଦିଗରେ ଜନସାଧାରଣ ଏବଂ ସରକାର ସଚେତନ ହେଲେ ଏପରି ନକଲି ଡାକ୍ତରମାନଙ୍କ ଉପରେ ଅଙ୍କୁଶ ଲଗାଯାଇପାରିବ ବୋଲି ଡାକ୍ତର ଅଭିଷେକ କହିବା ସହ ଦେଶର ବିଭିନ୍ନ ସ୍ଥାନରୁ ଆସୁଥିବା ଅଯୋଗ୍ୟ ବ୍ୟକ୍ତିମାନେ ଡର୍ମାଟୋଲୋଜି ଓ କସ୍‌ମେଟିକ୍ ପ୍ରକ୍ରିୟା କରୁଥିବା ଖବର ପ୍ରତି ଗଭିର ଚିନ୍ତା ପ୍ରକାଶ କରିଛନ୍ତି।

## ଶ୍ରୀରାମ ନବମୀ ପାଳନ ପାଇଁ ପ୍ରସ୍ତୁତି

ନନ୍ଦନକାନନ, ୧୦।୩(ସମିସ): ଶ୍ରୀରାମ ସେନା ସଂଗଠନ ତରଫରୁ ଆସନ୍ତା ଶ୍ରୀରାମ ନବମୀ ଅବସରରେ ୨ଦିନ ବ୍ୟାପି ଶ୍ରୀରାମ ନବମୀ ଉତ୍ସବ ଭୁବନେଶ୍ୱର ଚନ୍ଦ୍ରଶେଖରପୁରରେ ପାଳନ ହେବା ନେଇ ସାମ୍ବାଦିକ ସମ୍ମିଳନୀ ଜରିଆରେ ସଂଗଠନ ପକ୍ଷରୁ ପ୍ରକାଶ କରାଯାଇଛି। ଆସନ୍ତା ୨୫ ତାରିଖରୁ ୨୬ ତାରିଖ ମହା ସମାରୋହରେ ଶ୍ରୀରାମ ନବମୀ ଉତ୍ସବ ପାଳନ ନିମନ୍ତେ ଦୁଇଦିନ ଧରି ବହୁବିଧ ଆଧାମିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ୨୫ ତାରିଖରେ ଲୁମ୍ବିନୀ ବିହାରରୁ ଆରମ୍ଭ ହୋଇ ଶୈଳଶ୍ରୀ ବିହାର ଫେଜ-୨ ପର୍ଯ୍ୟନ୍ତ କଳସ ଶୋଭାଯାତ୍ରା ହେବ। ସେଠାରେ ସନ୍ଧ୍ୟାରେ ପ୍ରବଚନ ସହ ରାମ ଲୀଳା କାର୍ଯ୍ୟକ୍ରମ ରହିଛି। ଏହା ସହ ପବିତ୍ର ଶ୍ରୀ ରାମନବମୀ ଦିନ ଶ୍ରୀ ରାମଙ୍କ ଉଦେଶ୍ୟରେ ପଦଯାତ୍ରା, ବାଇକ ଶୋଭାଯାତ୍ରା ଓ ଶ୍ରୀରାମଙ୍କ ପୂଜାର୍ଚ୍ଚନା କରାଯିବ। ପ୍ରାୟ ୧୫ହଜାରରୁ ଊର୍ଦ୍ଧ୍ୱ ଭକ୍ତ ଶ୍ରଦ୍ଧାଳୁ ଅନୁରାଗୀମାନଙ୍କୁ ସମାଗମ ହେବାର ଦୃଷ୍ଟିରୁ ଟ୍ରାଫିକ ବ୍ୟବସ୍ଥା ଓ ଶାନ୍ତି ଶୃଙ୍ଖଳା ପାଇଁ ପୋଲିସ ପ୍ରଶାସନ ଓ ସ୍ୱେଚ୍ଛାସେବୀ ନିୟୋଜିତ ହେବ ବୋଲି ସଂଗଠନ କହିଛି। ଏହି ସାମ୍ବାଦିକ ସମ୍ମିଳନୀରେ ଶ୍ରୀରାମ ସେନା ସଂଗଠନର ପ୍ରମୁଖ କର୍ମକର୍ତ୍ତା ନିର୍ମଳ ପଣ୍ଡା, ସୂର୍ଯ୍ୟ ପ୍ରକାଶ ମହାନ୍ତି, ରଞ୍ଜନ ରାଉତ, ପ୍ରିୟବ୍ରତ ମହାପାତ୍ର, ଅରୁପ ଜେନାଙ୍କ ସମେତ ସେନାର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ୧୩ରେ ସମିତି ସଭ୍ୟଙ୍କ ସମାବେଶ

ଭୁବନେଶ୍ୱର, ୧୦।୩: ରାଜ୍ୟର ସମିତି ସଭ୍ୟ ଓ ସଭ୍ୟାମାନଙ୍କ ନ୍ୟାଯ୍ୟ ଦାବୀ ପୂରଣ ନେଇ ଆସନ୍ତା ୧୩ ତାରିଖ ଶୁକ୍ରବାର ଦିନ ରାଜଧାନୀ ଭୁବନେଶ୍ୱରର ଲୋୟର ପିଏମଜି (ଖକ୍କଙ୍ଗରକ୍ସ ଚଗଏ) ଠାରେ ଏକ ଧାରଣା ଓ ସମାବେଶ ଅନୁଷ୍ଠିତ ହେବାକୁ ଯାଉଛି। 'ରାଜ୍ୟ ସମିତି ସଭ୍ୟ/ସଭ୍ୟା ପରିବାର' ପକ୍ଷରୁ ଆୟୋଜିତ ଏହି ଆନ୍ଦୋଳନରେ ସାରା ରାଜ୍ୟରୁ ପ୍ରତିନିଧିମାନେ ସାମିଲ ହୋଇ ସରକାରଙ୍କ ନିକଟରେ ସମିତି ସଭ୍ୟ/ସଭ୍ୟା ଙ୍କ ଅସହାୟତା ବିଷୟରେ ସରକାରଙ୍କର ଦୃଷ୍ଟି ଆକର୍ଷଣ କରିବେ। ସଂଘର ଅଭିଯୋଗ ଅନୁଯାୟୀ, ୨୦୨୩ ମସିହାରୁ ସଂଘ ସମିତି ସଭ୍ୟମାନଙ୍କ ବିଭିନ୍ନ ନ୍ୟାଯ୍ୟ ଦାବି ପ୍ରତି ସରକାରଙ୍କର ଦୃଷ୍ଟି ଆକର୍ଷଣ କରି ଆସୁଥିଲେ ମଧ ସରକାର ନିଷ୍ପତ୍ତି ନନେବା ଦୁଃଖ ର ବିଷୟ। ବାରମ୍ବାର ଦାବି ସତ୍ତ୍ୱେ ପଞ୍ଚାୟତିରାଜ ବିଭାଗର ମନ୍ତ୍ରୀ ଓ ସଚିବ ଏଥିପ୍ରତି ଗୁରୁତ୍ୱ ଦେଉନାହାନ୍ତି। ଫଳରେ ନିଜର ଅଧିକାର ଓ ସ୍ୱାର୍ଥରକ୍ଷା ପାଇଁ ସମିତି ସଭ୍ୟମାନେ ରାଜରାସ୍ତାକୁ ଓହ୍ଲାଇବାକୁ ନିଷ୍ପତ୍ତି ନେଇଛନ୍ତି।

ସଂଘ ପକ୍ଷରୁ ସ୍ପଷ୍ଟ ଭାବେ କୁହାଯାଇଛି ଯେ ସରକାର ତୁରନ୍ତ ସମିତି ସଭ୍ୟ/ସଭ୍ୟାଙ୍କ ଦାବି ଗୁଡ଼ିକୁ ଗୁରୁତ୍ୱର ସହ ନେଇ କାର୍ଯ୍ୟକାରୀ କରନ୍ତୁ। ଯଦି ସରକାର ଦାବି ପୂରଣ କରିବାକୁ ଅସମର୍ଥ, ତେବେ ଉକ୍ତ ବ୍ୟବସ୍ଥାକୁ ଉଠାଇ ଦେବା ପାଇଁ କେନ୍ଦ୍ର ସରକାରଙ୍କୁ ସୁପାରିଶ କରନ୍ତୁ ଫଳରେ ସରକାର ସମିତି ସଭ୍ୟଙ୍କ ଭତ୍ତା ବାବଦରେ ଯେଉଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ତାହା ବଂଚିଯିବ। ୧୩ ତାରିଖ ସମାବେଶ ଓ ଧାରଣାରେ ସାରା ଓଡ଼ିଶାର ସମସ୍ତ ସମିତି ସଭ୍ୟ ଓ ସଭ୍ୟା ଏକଜୁଟ ହୋଇ ସାମିଲ ହେବାକୁ ସଂଘ ପକ୍ଷରୁ ଆହ୍ୱାନ ଦିଆଯାଇଛି।

## ଟୋକିଓରେ ଓଡ଼ିଶା ଛାତ୍ରଛାତ୍ରୀଙ୍କ ଚମତ୍କାରିତା

ଭୁବନେଶ୍ୱର, ୧୦।୩(ସମିସ): ଟୋକିଓ ବୈଶ୍ୱିକ ବିତ୍ତ ଫୋରମ୍‌ରେ ଓଡ଼ିଆ ଛାତ୍ରଛାତ୍ରୀମାନେ ଫିନଟେକ୍ ପ୍ରକଳ୍ପ ପ୍ରଦର୍ଶିତ କରିଛନ୍ତି। ଫିନଟେକ୍ ଓ ଇନସ୍ୟୁରଟେକ୍ ସାର୍ଟିଫିକେଟ୍ ପ୍ରୋଗ୍ରାମ ଅଧୀନରେ ୭ଜଣ ଛାତ୍ରଛାତ୍ରୀ 'ଟ୍ରାଞ୍ଚିଫି- ଆଗାମୀ ଦିନର କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପାଇଁ ୱାର୍କିଙ୍ଗ କ୍ୟାପିଟାଲ ପ୍ଲାଟଫର୍ମ' ପ୍ରକଳ୍ପ ଦେଖାଇଛନ୍ତି। ରେଭେନ୍ସା ବିଶ୍ୱବିଦ୍ୟାଳୟର ବି. ସିମ୍ରନ, ରାଜେଶ୍ୱରୀ ବେହେରା, ପୁଷ୍ପାଞ୍ଜଳି ବେହେରା, ମନୀଷା ଲେଙ୍କା, ସୌମ୍ୟ ରଞ୍ଜନ ବୈଥାଲୁ, ଉତ୍କଳ ବିଶ୍ୱବିଦ୍ୟାଳୟର ଶିବାଂଶୀ ନାୟକ, ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ଅର୍ନିବାଣ କର ପ୍ରମୁଖ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀମାନେ ନିଜର ଉଦ୍ୟୋଗ ପାଇଁ ଯେପରି ସହଜ ଓ ସୁବିଧାରେ ବ୍ୟାଙ୍କରୁ ଋଣ ନେବା ଓ ବିତ୍ତୀୟ ପ୍ରକ୍ରିୟାକୁ ଡ଼ିଜିଟାଇଜ କରିବା ଉପରେ ପ୍ରକଳ୍ପ ପ୍ରସ୍ତୁତ କରିଥିଲେ। ଏହି ପ୍ରକଳ୍ପକୁ ଗ୍ଲୋବାଲ ଫାଇନାନ୍ସ ଓ ଟେକନୋଲୋଜି ନେଟୱାର୍କ ଏବଂ ଜାପାନର ଏମୟୁଏଫଜି ବ୍ୟାଙ୍କ ଲିମିଟେଡ୍‌ର ଅଧିକାରୀମାନେ ଶୁଭେଚ୍ଛା ଜଣାଇଛନ୍ତି। ସୂଚନାଯୋଗ୍ୟ ଓଡ଼ିଶା ସରକାର ଏବଂ ସିଙ୍ଗାପୁର ଜାତୀୟ ବିଶ୍ୱବିଦ୍ୟାଳୟ, ଏସିଆନ ଇନଷ୍ଟିଚ୍ୟୁଟ ଅଫ୍ ଡ଼ିଜିଟାଲ ଫାଇନାନ୍ସ ଏବଂ ଗ୍ଲୋବାଲ ଫାଇନାନ୍ସ ଆଣ୍ଡ ଟେକନୋଲୋଜି ନେଟୱାର୍କର ମିଳିତ ସହାଭାଗିତାରେ ଓଡ଼ିଶାର ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ୧୯୫ଜଣ ଛାତ୍ରଛାତ୍ରୀ ବିଭିନ୍ନ କ୍ୟାପ୍‌ଷ୍ଟୋନ ପ୍ରକଳ୍ପରେ କାମ କରିବା ପରେ ଶ୍ରେଷ୍ଠ ୭ ଜଣିଆ ଟିମ୍ ନିଜର ଫିନଟେକ୍ ପ୍ରକଳ୍ପକୁ ଟୋକିଓ ବୈଶ୍ୱିକ ବିତ୍ତ ଫୋରମ୍‌ରେ ପ୍ରଦର୍ଶିତ କରିଥିଲେ।

## ଇଣ୍ଡିଆସ୍କିଲ୍ସ ରିଜିଓନାଲ୍ ପ୍ରତିଯୋଗିତାରେ ସିଜିୟୁର ସଫଳତା



ଭୁବନେଶ୍ୱର, ୧୦।୩(ସମିସ): ଭାରତର ଇଣ୍ଡିଆସ୍କିଲ୍ସ ରିଜିଓନାଲ୍ (ଇଏସ୍‌ଟି) ପ୍ରତିଯୋଗିତାରେ ସିଭି ରମଣ ଗ୍ଲୋବାଲ ୟୁନିଭରସିଟି (ସିଜିୟୁ) ଛାତ୍ରଛାତ୍ରୀମାନେ ସଫଳତା ଅର୍ଜନ କରିଛନ୍ତି। ଏହି ପ୍ରତିଯୋଗିତାରେ ବିହାର, ଝାଡ଼ଖଣ୍ଡ, ଛାତିଶଗଡ଼, ପଶ୍ଚିମବଙ୍ଗ, ଓଡ଼ିଶା, ଓ ଆଣ୍ଡାମନ ନିକୋବରର କୃତୀ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସିଜିୟୁରୁ ୨୮ଟି ସ୍କିଲ୍‌ରେ ୫୭ଜଣ ପ୍ରତିଯୋଗୀ ଓଡ଼ିଶା ତରଫରୁ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ସିଜିୟୁର ଛାତ୍ରଛାତ୍ରୀମାନେ ଚମତ୍କାର ପ୍ରଦର୍ଶନ କରି ମୋଟ୨୩ଟି ସ୍ୱର୍ଣ୍ଣ ପଦକ, ୧୫ଟି ରୌପ୍ୟ ପଦକ ଓ ୭ଟି କାଂସ୍ୟ ପଦକ ଅର୍ଜନ କରିଛନ୍ତି। ଏହାସହ ଉତ୍କର୍ଷ ପାଇଁ ୪ଟି ଏବଂ ୱାଲକ୍‌ଓଭର ପାଇଁ ୩ଟି ପଦକ ହାସଲ କରି ବିଶ୍ୱବିଦ୍ୟାଳୟ ପାଇଁ ବିଶେଷ ସଫଳତା ଆଣିଛନ୍ତି। ଏହି ସଫଳତାର ଫଳସ୍ୱରୂପ, ଆଗାମୀ ଦିନରେ ଅନୁଷ୍ଠିତ ହେବାକୁ ଥିବା ନ୍ୟାସଲାନ ସ୍କିଲ୍ସ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ସିଜିୟୁର ଛାତ୍ରଛାତ୍ରୀମାନେ ଅଗ୍ରସର ହୋଇଛନ୍ତି। ଏହି ଅବସରରେ ବିଶ୍ୱ ବିଦ୍ୟାଳୟର ପ୍ରତିଷ୍ଠାତା ଓ ଅଧ୍ୟକ୍ଷ ସଞ୍ଜୀବ କୁମାର ରାଉତ ସଫଳତା ପାଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## 'ମହିଳା ସିଏଙ୍କର ରାଷ୍ଟ୍ର ବିକାଶରେ ଭୂମିକା' ସଂକ୍ରାନ୍ତ କାର୍ଯ୍ୟକ୍ରମ




ଭୁବନେଶ୍ୱର, ୧୦।୩(ସମିସ): ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଚାର୍ଟାର୍ଡ ଆକାଉଣ୍ଟାଣ୍ଟସ୍ ଅଫ୍ ଇଣ୍ଡିଆର ଭୁବନେଶ୍ୱର ଶାଖାରେ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଭୁବନେଶ୍ୱରସ୍ଥିତ ଆଇସିଏଆଇ ଭବନରେ 'ମହିଳା ସିଏଙ୍କର ରାଷ୍ଟ୍ର ବିକାଶରେ ଭୂମିକା' ଶୀର୍ଷକ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରସିଦ୍ଧ ସଙ୍ଗୀତ ଶିଳ୍ପୀ ଗୀତା ଦାଶ, ଡିଏନ୍ ହୋମ୍ ପ୍ରାଇଭେଟ୍ ଲିମଟେଡ୍‌ର ଡାଇରେକ୍ଟର ରତ୍ନମାଳା ସ୍ୱାଇଁ, ଅଭିନେତ୍ରୀ ଅନୁ ଚୌଧୁରୀ ଏବଂ ଉତ୍କଳ ହସ୍ପିଟାଲର ସିନିୟର ଗାଇନେକୋଲୋଜିଷ୍ଟ ଓ ଇନଫର୍ଟିଲିଟି ସ୍ପେଶିଆଲିଷ୍ଟ ଡା.ଅଭିସ୍ପା ମିଶ୍ର ଅତିଥି ଭାବେ ଉପସ୍ଥିତ ରହିଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ସିଏ ଗୌତମ ଲେଙ୍କା, ଉପାଧ୍ୟକ୍ଷ ସିଏ ପୃଥ୍ୱୀ ରଞ୍ଜନ ପାଢ଼ୀ ଓ ଛାତ୍ର ସଂଗଠନର ଅଧ୍ୟକ୍ଷ, ସଚିବ ଏବଂ କୋଷାଧ୍ୟକ୍ଷ ସିଏ ସୌମ୍ୟ ସୁନୀଲ ସାହୁ ଉପସ୍ଥିତ ରହି ଅଂଶଗ୍ରହଣକାରୀମାନଙ୍କୁ ସମ୍ବୋଧିତ କରିଥିଲେ। ଏହି ଅବସରରେ ମହିଳା ସଦସ୍ୟମାନେ 'ସି ରୋଜ ଉଇଥ୍ କର୍ଜ, ସି ଷ୍ଟାଣ୍ଡ ଉଇଥ୍ ଇନ୍‌ଟିଗ୍ରେଟି' ଶୀର୍ଷକ ବିଷୟ ଉପରେ ନିଜ ନିଜର ଅନୁଭବ ଓ ସଫଳତାକୁ ଆଧାର କରି ସଂକ୍ଷିପ୍ତ ଲେଖା ପ୍ରଦାନ କରିଥିଲେ। ସେହିପରି ଅତିଥିମାନଙ୍କ ଦ୍ୱାରା ଏକ ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଥିଲା। ଏହି ପ୍ରଦର୍ଶନୀ ୧୨ ମାର୍ଚ୍ଚ ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ପାଇଁ ଖୋଲା ରହିବ। ଏହି କାର୍ଯ୍ୟକ୍ରମରେ ପ୍ରାୟ ୧୫୦ ଜଣ ସଦସ୍ୟ ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

## ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ 'ମେଗା ସମ୍‌ଝୋତା ଅଭିଯାନ'

ଭୁବନେଶ୍ୱର, ୧୦।୩(ସମିସ): ବ୍ୟାଙ୍କ ଅଫ୍ ଇଣ୍ଡିଆ ୧୬ ମାର୍ଚ୍ଚରୁ ୨୦ ମାର୍ଚ୍ଚ ପର୍ଯ୍ୟନ୍ତ ଏହାର ସମସ୍ତ ଶାଖା, ଜୋନ୍ ଏବଂ କ୍ଷେତ୍ର ମହାପ୍ରବନ୍ଧକ କାର୍ଯ୍ୟାଳୟଗୁଡ଼ିକରେ ଏକକାଳୀନ ସମାଧାନ ବା ଓଟିଏସ୍ ମାଧ୍ୟମରେ ଋଣ ଗ୍ରହୀତାଙ୍କ ଏନ୍‌ପିଏ ଋଣ ଆକାଉଣ୍ଟର ସମାଧାନ ପାଇଁ 'ମେଗା ସମ୍‌ଝୋତା ଅଭିଯାନ'ର ଆୟୋଜିତ କରୁଛି। ଏହି ସମ୍‌ଝୋତା ଅଭିଯାନ ବିଶେଷ ଭାବରେ ସେହି ଏନ୍‌ପିଏ ଋଣଗ୍ରହୀତାମାନଙ୍କ ପାଇଁ ଉଦ୍ଦିଷ୍ଟ ଯେଉଁମାନେ ବ୍ୟବସାୟରେ ଅସୁବିଧା ବା ଚିକିତ୍ସାଜନିତ ସମସ୍ୟା କିମ୍ବା ଅନ୍ୟ କୌଣସି ଯଥାର୍ଥ କାରଣ ବଶତଃ ଠିକ୍ ସମୟରେ ଋଣ ପରିଶୋଧ କରିପାରିନାହାଁନ୍ତି। ବ୍ୟାଙ୍କର କ୍ଷୁଦ୍ର ଓ ମଧ୍ୟମ ଆକାଉଣ୍ଟଧାରୀମାନଙ୍କ ଋଣ ସମାଧାନ ପାଇଁ ସ୍ୱତନ୍ତ୍ର ଓଟିଏସ୍ ଯୋଜନା ମାଧ୍ୟମରେ ଏନ୍‌ପିଏ ଆକାଉଣ୍ଟଧାରୀ ଋଣଗ୍ରହୀତାମାନଙ୍କୁ ବିଶେଷ ରିହାତି ପ୍ରଦାନ କରାଯାଉଛି। ସମସ୍ତ ଏନ୍‌ପିଏ ଆକାଉଣ୍ଟଧାରୀ ଏହି ସୁବର୍ଣ୍ଣ ସୁଯୋଗର ଲାଭ ଉଠାଇବା ପାଇଁ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ଆହ୍ୱାନ କରାଯାଇଛି।

## ମୃତ୍ୟୁ ପରେ ଚକ୍ଷୁଦାନ

ବାଲିପାଟଣା, ୧୦।୩(ସମିସ): ମୃତ୍ୟୁ ପରେ ବାଲିପାଟଣା ଥାନା ମଝିହରା ପଞ୍ଚାୟତ ମୁଣ୍ଡହଣା ପାଟଣା ଗ୍ରାମର ସ୍ୱର୍ଗତ ଗୋପୀନାଥ ବେହେରାଙ୍କ ପୁଅ ସୁକାନ୍ତ ବେହେରା (୪୯)ଙ୍କ ଚକ୍ଷୁଦାନ କରିଛନ୍ତି ପରିବାର ଲୋକେ। ସୁକାନ୍ତ କିଛି ଦିନ ହେଲା ଅସୁସ୍ଥ ଥିଲେ। ସୋମବାର ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବିଗିଡି ଯାଇଥିଲା। ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରା ଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ମଙ୍ଗଳବାର ଶବ ବ୍ୟବଚ୍ଛେଦ ସମୟରେ ପରିବାର ଲୋକଙ୍କ ସହମତିରେ ସୁକାନ୍ତଙ୍କ ଚକ୍ଷୁ ଦାନ କରା ଯାଇଥିବା ଜଣା ପଡ଼ିଛି। ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

## ମହିଳା ସଶକ୍ତୀକରଣ କାର୍ଯ୍ୟକ୍ରମ

ହଂସପାଳ, ୧୦।୩(ସମିସ): ଆସ୍ଥା ସ୍କୁଲ୍ ଅଫ ମ୍ୟାନେଜମେଣ୍ଟ ପକ୍ଷରୁ ସେଣ୍ଟର ଫର୍ ହ୍ୟୁମାନ ଡେଭଲପମେଣ୍ଟ, ନ୍ୟୁରୋ ଲିଙ୍ଗୁଇଷ୍ଟିକ୍ ରିସର୍ଚ୍ଚ ପ୍ରାଇଭେଟ୍ ଲିମିଟେଡ, ମୁମ୍ବାଇ ର ମିଳିତ ଆୟୋଜନ ରେ ମହିଳା ସଶକ୍ତୀକରଣ ଏବଂ ନେତୃତ୍ୱ ଉପରେ ଏକ ଦୁଇ ଦିନିଆ ପ୍ରଶିକ୍ଷଣ ଶିବିର 'ଫିୟରଲେସ ଲିଡରସିପ୍ ଆଣ୍ଡ ୟୁ'ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ନିର୍ଦ୍ଦେଶକ ଡ଼ଃ ବଙ୍କିମ ମହାନ୍ତି ଉଦ୍‌ଘାଟନ କରିଥିଲେ। ଉଦଯାପନୀ ସମାରୋହରେ ଓଡ଼ିଶା ହାଇଡ୍ରୋପାୱାର କର୍ପୋରେସନ୍ ଲିମିଟେଡର ନିର୍ଦ୍ଦେଶକ ସନ୍ଦ୍ୱୀପ ପଟ୍ଟନାୟକ ଏବଂ ଅସ୍ଥା ସ୍କୁଲର ଚେୟାରମ୍ୟାନ ବିଜୟ ପାତ୍ର ଯୋଗଦେଇଥିଲେ।

## ସୋଆରେ ଆନ୍ତର୍ଜାତିକ ସମ୍ମିଳନୀ ଉଦ୍‌ଘାଟିତ

ଭୁବନେଶ୍ୱର, ୧୦।୩(ସମିସ): ଜଳ, ଖାଦ୍ୟ ଓ ପରିବେଶ ସମ୍ପର୍କିତ ସମସ୍ୟାକୁ ମୁକାବିଲା କରିବାରେ ଏଆଇ ଆଧାରିତ ପ୍ରଯୁକ୍ତି ଏକ ନୂତନ ଦିଗ ଉନ୍ମୁକ୍ତ କରିଛି ବୋଲି କହିଛନ୍ତି ୟୁଏସଏସ୍ଥିତ ନେବ୍ରାସ୍କା ବିଶ୍ୱବିଦ୍ୟାଳୟର ନେବ୍ରାସ୍କା ୱାଟର ସେଣ୍ଟରର ନିର୍ଦ୍ଦେଶକ ପ୍ରଫେସର ଚିତରଞ୍ଜନ ରାୟ। ସୋଆ ପରିଚାଳିତ କୃଷି ମହାବିଦ୍ୟାଳୟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲଚରାଲ ସାଇନ୍‌ସେସ୍ (ଆଇଏଏସ୍), ଏହାର ଅନ୍ତର୍ଗତ ସେଣ୍ଟର ଫର କ୍ଲାଇମେଟ୍ ସ୍ମାର୍ଟ ଏଗ୍ରିକଲଚର (ସିସିଏସ୍‌ଏ) ଓ ଏଆଇସି–ସୋଆ ଫାଉଣ୍ଡେସନ୍‌ର ମିଳିତ ଆନୁକୂଲ୍ୟରେ 'ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସ ଇନ୍ ସେଫିଂ ଏଗ୍ରିକଲ୍‌ଚର ଆଣ୍ଡ ଆଲାଏଡ ସେକ୍ଟର୍ସ ଫର୍ ସଷ୍ଟେନେବଲ୍ ଫୁଡ୍ ସିକ୍ୟୁରିଟି' ଶୀର୍ଷକ ଦୁଇ ଦିନିଆ ଆନ୍ତର୍ଜାତିକ ସମ୍ମିଳନୀର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଫେସର ରାୟ ଏହା କହିଛନ୍ତି। ମଙ୍ଗଳବାର ସ୍ଥାୟୀ ଖାଦ୍ୟ ସୁରକ୍ଷା ନିମନ୍ତେ କୃଷି ଓ ସହଯୋଗୀ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତାର ଉପଯୋଗ ସମ୍ପର୍କରେ ବିଚାରବିମର୍ଷ ଓ ଆଲୋଚନା କରିବା ନେଇ ଆୟୋଜିତ ଏହି ସମ୍ମିଳନୀରେ ୟୁଏସଏ ସ୍ଥିତ ନେବ୍ରାସ୍କା-ଲିଙ୍କନ୍ ବିଶ୍ୱବିଦ୍ୟାଳୟର ସିନିୟର ପ୍ରୋଗ୍ରାମ ମ୍ୟାନେଜର ଡ. ଜୁଡ୍ କୋବିଙ୍ଗ୍ ଓ ଟେକ୍ସାସ ଏ ଆଣ୍ଡ ଏମ୍‌ର ରିଜେଣ୍ଟସ୍ ପ୍ରଫେସର ଓ କୋଲ୍‌ସ ଚେୟାର ପ୍ରଫେସର ବିନାୟକ ପି. ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସୋଆର କୁଳପତି ପ୍ରଫେସର ପ୍ରଦ୍ୱୀପ୍ତ କୁମାର ନନ୍ଦ ଅଧ୍ୟକ୍ଷତା କରିଥିବା ବେଳେ ସମ୍ମିଳନୀର ଆୟୋଜନ କମିଟିର ଅଧ୍ୟକ୍ଷ ତଥା ସିସିଏସ୍‌ଏର ନିର୍ଦ୍ଦେଶକ ପ୍ରଫେସର ରବୀନ୍ଦ୍ର କୁମାର ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ କୃଷି ମହାବିଦ୍ୟାଳୟର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ୍ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ସମ୍ମିଳନୀର ଆବାହକ ଡ. ଅଂଶୁମାନ ଜେନା ଏବଂ ଡ. ସୁଭପ୍ରଦା ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ଓୟୁଏଟିର ୪୧ତମ ସମାବର୍ତ୍ତନ ଉତ୍ସବ**

# ଚାଷ ପ୍ରତି ବଢ଼ୁଛି ମହିଳାଙ୍କ ଆଗ୍ରହ



ଭୁବନେଶ୍ୱର, ୧୦।୩(ସମିସ): ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ର ୪୧ତମ ସମାବର୍ତ୍ତନ ଉତ୍ସବ କୃଷି ଶିକ୍ଷା ସଦନଠାରେ ଅନୁଷ୍ଠିତ ହୋଇଛି। ବିଶ୍ୱବିଦ୍ୟାଳୟ କୁଳାଧିପତି ତଥା ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ କେନ୍ଦ୍ର କୃଷି ବିଭାଗ ସଚିବ ତଥା ଭାରତୀୟ କୃଷି ଗବେଷଣା ପରିଷଦର ମହାନିର୍ଦ୍ଦେଶକ ଡକ୍ଟର ମାଙ୍ଗୀ ଲାଲ୍ ଜାଟ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଦୀକ୍ଷାନ୍ତ ଭାଷଣ ପ୍ରଦାନ କରିଛନ୍ତି। ସେ କହିଛନ୍ତି ଯେ ପ୍ରାଣୀ ସମ୍ପଦ, ମତ୍ସ୍ୟ ସମ୍ପଦ, ଉଦ୍ଭିଦ ସମ୍ପଦ, ଜଙ୍ଗଲ ସମ୍ପଦ ଓ ଜଳବାୟୁ ସନ୍ତୁଳନ ପରି ପ୍ରମୁଖ କ୍ଷେତ୍ରରେ କୃଷିର ଭୂମିକା ଗୁରୁତ୍ୱପୂର୍ଣ୍ଣ। କୃତ୍ରିମ ବୁଦ୍ଧିମତାକୁ ଉପଯୋଗ କରି ଚାଷୀଙ୍କ ପାଖରେ ନୂତନ ଜ୍ଞାନକୌଶଳ ପହଞ୍ଚାଇ ପାରିଲେ ଚାଷ ଓ ଚାଷୀ ସଶକ୍ତ ହୋଇପାରିବ। ଏହି ଦାୟିତ୍ୱ ନେବାପାଇଁ ବିଶ୍ୱବିଦ୍ୟାଳୟକୁ ସେ ପରାମର୍ଶ ଦେଇଛନ୍ତି। ଚଳିତ ବର୍ଷ ଡିଗ୍ରୀ ପାଇଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ୫୩ ପ୍ରତିଶତ ଛାତ୍ରୀ ସ୍ଥାନ ପାଇଥିବା କହି କୃଷି କ୍ଷେତ୍ର ପ୍ରତି ମହିଳାଙ୍କ ବଢ଼ୁଥିବା ଆଗ୍ରହକୁ ଅବତାରଣା କରିଛନ୍ତି। ସେହିପରି ସମ୍ମାନିତ ଅତିଥି ଭାବେ ରାଜ୍ୟ କୃଷି ବିଭାଗ ସଚିବ ସଚିନ ରାମଚନ୍ଦ୍ର ଜାଧବ ଯୋଗଦେଇ କୃଷି ବୈଜ୍ଞାନିକ ଓ ଚାଷୀଙ୍କ ମଧ୍ୟରେ ସମନ୍ୱୟ ରଖି କୃଷିକୁ ବିକଶିତ କରିବାକୁ ଆହ୍ୱାନ ଦେଇଛନ୍ତି। ଦୀର୍ଘସ୍ଥାୟୀ କୃଷି ଓ ନବୀକରଣଯୋଗ୍ୟ ଶକ୍ତିକୁ କୃଷି କାର୍ଯ୍ୟରେ ଉପଯୋଗ କରି ନୂତନ ବୈଷୟିକ ଜ୍ଞାନକୌଶଳ ପ୍ରୟୋଗ ସହ ପ୍ରତିଟି ଯୋଜନା ବାବଦରେ ଚାଷୀଙ୍କୁ ସଚେତନ କରାଇବାକୁ ମତବ୍ୟକ୍ତ କରିଛନ୍ତି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ କୃଷି କ୍ଷେତ୍ର ପ୍ରତି ସର୍ବଦା ଉତ୍ସର୍ଗୀକୃତ ହୋଇ ରହିବା ପାଇଁ ଛାତ୍ରଛାତ୍ରୀଙ୍କୁ ଉପଦେଶ ଦେଇଥିବାବେଳେ ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟର ଅଧ୍ୟକ୍ଷ ପ୍ରଫେସର ପ୍ରସନଜିତ ମିଶ୍ର ଶିକ୍ଷା, ଗବେଷଣା ଓ ସମ୍ପ୍ରସାରଣ ଶିକ୍ଷା ସମ୍ବନ୍ଧୀରେ ଆଲୋକପାତ କରିଛନ୍ତି। ଏହି ସମାବର୍ତ୍ତନ ଉତ୍ସବରେ ୨୦୨୪-୨୫ ଶିକ୍ଷା ବର୍ଷରେ କୃତକାର୍ଯ୍ୟ ହୋଇଥିବା ୮୧୯ ଜଣ ସ୍ନାତକ, ୫୨୪ ଜଣ ସ୍ନାତକୋତ୍ତର ଓ ୮୩ ଜଣ ପିଏଚଡି ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଛି। ଶିକ୍ଷା କ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ୬୬ଜଣଙ୍କୁ ୧୧୭ଟି ସ୍ୱର୍ଣ୍ଣପଦକ, ଗୋଟିଏ ଶ୍ରେଷ୍ଠ ପିଏଚ୍‌ଡି ଥେସିସ୍ ପୁରସ୍କାର ଓ ପାଠ୍ୟକ୍ରମ କାର୍ଯ୍ୟକଳାପରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ୬ଟି ପୁରସ୍କାର ପ୍ରଦାନ କରାଯାଇଛି। ଏହି ସମାରୋହରେ କୃଷି ବିଜ୍ଞାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ କେନ୍ଦ୍ର କୃଷି ସଚିବ ଡ. ମାଙ୍ଗୀ ଲାଲ ଜାଟ ଏବଂ ବିଶିଷ୍ଟ ଧାନ ଗବେଷକ ପ୍ରଫେସର ସତ୍ୟରଞ୍ଜନ ଦାସଙ୍କୁ ସମ୍ମାନସୂଚକ ଡ଼କ୍ଟରେଟ ଡିଗ୍ରୀ ପ୍ରଦାନ କରାଯାଇଛି।



### ଅବହେଳିତ ଅବସ୍ଥାରେ ଭାସ୍କରେଶ୍ୱର ମନ୍ଦିର

# ମନ୍ଦିର ଭିତରେ ମୂଷା ଗାତ, ବାହାରେ ନିଶାଡ଼ିଙ୍କ ଆଡ୍ଡା

ଭୁବନେଶ୍ୱର, ୧୦।୩(ସମିସ): ରବିଟକିଜ୍-ଟଙ୍କପାଣିରୋଡ ଅଞ୍ଚଳରେ ରହିଛି ଐତିହ୍ୟ ସମ୍ପନ୍ନ ଭାସ୍କରେଶ୍ୱର ମନ୍ଦିର। କିନ୍ତୁ ରକ୍ଷଣାବେକ୍ଷଣ ଓ ସୁରକ୍ଷା ଅଭାବରୁ ଏହି ମନ୍ଦିର ଏବେ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଛି। ଏଠାରେ ସୁରକ୍ଷା ବ୍ୟବସ୍ଥା ନ ଥିବା ବେଳେ ଭିତରେ ଆଲୁଅ ଜଳୁ ନ ଥିବାରୁ କିଟିକିଟି ଅନ୍ଧାର ହୋଇପଡ଼ିଛି। ଏଠାରେ ସୁରକ୍ଷା ବ୍ୟବସ୍ଥା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବା ଅଭିଯୋଗ ହୋଇଛି। ଫଳରେ ସନ୍ଧ୍ୟା ହେଲେ ଏହା ନିଶାଡ଼ିଙ୍କ ଆଡ୍ଡାସ୍ଥଳ ପାଲଟିଛି।

ଟଙ୍କପାଣି ରାସ୍ତାର ବାମ ପାର୍ଶ୍ୱରେ ରହିଛି ଏହି ଐତିହାସିକ ମନ୍ଦିର। ବିଶ୍ୱାସ ଅଛି ମାଘସପ୍ତମୀରେ ସ୍ୱୟଂ ଲିଙ୍ଗରାଜ ବିମାନଦ୍ୱାରା ମାମୁଘର ଭାସ୍କରେଶ୍ୱର ମନ୍ଦିରକୁ ଯାଇଥାନ୍ତି। ଏହାପରେ ଲିଙ୍ଗରାଜଙ୍କ ରୁକୁଣା ରଥ କାର୍ଯ୍ୟ ଆରମ୍ଭ ହୋଇଥାଏ। ପୁରୀ ଶ୍ରୀମନ୍ଦିରର ମାଉସୀମା ମନ୍ଦିର ସହ ଯେଉଁଭଳି ନିବିଡ଼ ସମ୍ପର୍କ ଠିକ୍ ସେମିତି ଲିଙ୍ଗରାଜଙ୍କ ଭାସ୍କରେଶ୍ୱର ମନ୍ଦିର ସହ ନିବିଡ଼ ସମ୍ପର୍କ। ଏଠାକୁ ପ୍ରତିଦିନ ଶହ ଶହ ସଂଖ୍ୟାରେ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁ ଆସିଥାନ୍ତି। ଦ୍ୱାଦଶ ଶତାବ୍ଦୀର ଏହି ଶିବ ମନ୍ଦିର ଗର୍ଭଗୃହରେ ୨.୭୪ ମିଟର( ପ୍ରାୟ ୯ଫୁଟ) ଉଚ୍ଚତାର ଶିବଲିଙ୍ଗ ରହିଛି। ତେବେ ଏହି ଶିବ ଲିଙ୍ଗ ସବୁଠାରୁ ବଡ଼ ଶିବ ଲିଙ୍ଗ ବୋଲି କାହିଁ କେଉଁ କାଳରୁ ଲୋକମାନଙ୍କ ବିଶ୍ୱାସ ରହି ଆସିଛି। ଏହି ମନ୍ଦିରର ବହୁ ପୌରାଣିକ ଓ ଐତିହାସିକ କଥା ଓ ଗାଥା ରହିଥିବାରୁ ଶ୍ରଦ୍ଧାଳୁମାନେ ଅନେକ ମାନସିକ କରିଥାନ୍ତି। ପ୍ରତି ସୋମବାର ଏଠାରେ ପ୍ରବଳ ଭିଡ଼ ଜମୁଥିବା ବେଳେ ଅନ୍ୟ ଦିନରେ ମଧ ଶ୍ରଦ୍ଧାଳୁମାନେ ଦର୍ଶନ ପାଇଁ ଆସିଥାନ୍ତି। ବିଶେଷ କରି ଅପରାହ୍ଣ ସମୟରେ ଏଠାରେ ବହୁ ସଂଖ୍ୟାରେ କଲେଜ ଛାତ୍ରଛାତ୍ରୀଙ୍କ ସମେତ ସ୍ଥାନୀୟ ଲୋକେ ସମୟ ଅତିବାହିତ କରୁଥିବା ବେଳେ ଶୌଚାଳୟ ସୁବିଧା ନଥିବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି। ଗୋଟେପଟେ ସହରକୁ ଶରସ ସୁନ୍ଦର କରିବା ସହ ସ୍ୱଚ୍ଛତାକୁ ଗୁରୁତ୍ୱ ଦିଆଯାଉଥିବା ବେଳେ ଧର୍ମାନୁଷ୍ଠାନ ଗୁଡ଼ିକରେ ସ୍ୱଚ୍ଛତାର ବିପରୀତ ଦୃଶ୍ୟ ଦେଖିବାକୁ ମିଳିଛି। ରାସ୍ତା କଡ଼ରେ ଶୌଚ ଉପରେ କଟକଣା କରାଯାଇ ଇ-ଶୌଚାଳୟ ବ୍ୟବସ୍ଥା ହୋଇଥିବା ବେଳେ ଧର୍ମାନୁଷ୍ଠାନରେ ରହିଥିବା ବହୁ ପୁରାତନ ଶୌଚାଳୟ ଭଗ୍ନାବସ୍ଥାରେ ରହଥିବା ଦେଖିବାକୁ ମିଳିଛି। ଏମିତି କି ଏହି ଧର୍ମାନୁଷ୍ଠାନ ପରିସରରେ ବୁଲୁଛନ୍ତି ବୁଲା ଗାଈଗୋରୁ। ଏଥିପ୍ରତି ପ୍ରଶାସନ କିମ୍ବା ଏଏସ୍ଆଇ (ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ) ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନଥିବା କୁହାଯାଇଛି। ମନ୍ଦିର କମିଟି ସଭାପତି ଅମରଜ୍ୟୋତି ଜଗଦ୍ଦେବ କହିଛନ୍ତି, ଦୀର୍ଘବର୍ଷ ହେବ ମନ୍ଦିର ଏଭଳି ଅଭହେଳିତ ଅବସ୍ଥାରେ ପଡ଼ିଛି। ଏହାର ସୁରକ୍ଷା ନେଇ କୌଣସି ପଦକ୍ଷେପ ନିଆଯାଉ ନାହିଁ। ମନ୍ଦିରରେ କେବଳ ମାଳି କାମ କରୁଥିଲେ ବି ସୁରକ୍ଷାକର୍ମୀ ନିହାତି ଆବଶ୍ୟକ। ଅନ୍ୟପଟେ ଭୋରୁ ପ୍ରତିଦିନ ବରିଷ୍ଠ ନାଗରିକମାନେ ଯୋଗାଭ୍ୟାସ କରିବା ସହ ଏଠାରେ ରହିଥିବା ପାଥୱେରେ ପ୍ରାତଃଭ୍ରମଣ କରିବାକୁ ଲୋକେ ଆସିଥାନ୍ତି। ତେଣୁ ରାତିରେ ତାଲା ପକାଯାଉ ନାହିଁ। ଫଳରେ ନିଶାଡ଼ିଙ୍କ ଆଡ୍ଡା ସହ ଅସାମାଜିକ କାର୍ଯ୍ୟ ହେଉଛି। ସେହିପରି ମନ୍ଦିର ପରିସରରେ ଏକ ପୁଷ୍କରିଣୀର ଆବଶ୍ୟକତା ରହିଛି। ପୂର୍ବରୁ ଏକ ପୁଷ୍କରିଣୀ ଖୋଳାଯାଇଥିବା ବେଳେ ଅଧିକ ଗଭୀର ଯାଏ ପଥର ଥିବାରୁ ପାଣି ଶୁଖିଯାଉଛି। ତେଣୁ ଏହାକୁ ପୁନର୍ବାର ଖୋଳାଯିବା ମଧ ଆବଶ୍ୟକତା ରହିଛି। ତେବେ ୮ବର୍ଷ ପୂର୍ବରୁ ମନ୍ଦିର ପରିସରରେ ଏକ ଅତ୍ୟାଧୁନିକ ଶୌଚାଳୟ ନିର୍ମାଣ କରାଯାଇଥବା ବେଳେ ସୁରକ୍ଷା ବ୍ୟବସ୍ଥା ନଥିବାରୁ ଅସାମାଜିକ ବ୍ୟକ୍ତିମାନେ ତାହାକୁ ଭାଙ୍ଗି ନଷ୍ଟ କରିଦେଲେ। ଏଥିପାଇଁ ବାରମ୍ବାର ଏଏସଆଇ କୁ ଅବଗତ କରାଯାଇଥିଲେ ମଧ ପଦକ୍ଷେପ ନିଆଯାଉ ନାହିଁ। ଫଳରେ ଐତିହ୍ୟ ବହନ କରୁଥିବା ଏହି ମନ୍ଦିର ଧିରେ ଧିରେ ନଷ୍ଟ ହେବାକୁ ବସିଲାଣି। ତେଣୁ ମନ୍ଦିର ପରିସରରେ ସୁରକ୍ଷା ପାଇଁ ଏଏସଆଇ ପକ୍ଷରୁ ଜଣେ ସୁରକ୍ଷାକର୍ମୀଙ୍କୁ ନିୟୋଜିତ କରାଯିବା ନିତ୍ୟନ୍ତ ଜରୁରୀ। ଏନେଇ ୱାର୍ଡ କର୍ପୋରେଟର ସନ୍ତୋଷ କୁମାର ସିଂହ କହିଛନ୍ତି ଯେ, ମନ୍ଦିରଟି ବିଏମ୍ସି ଅଧୀନରେ ନଥିବାରୁ ଏହାର ଉନ୍ନତିକରଣ କିମ୍ବା ରକ୍ଷଣାବେକ୍ଷଣ ଦାୟିତ୍ୱ ଏଏସ୍ଆଇର। ତେଣୁ ମନ୍ଦିର ପରିସରରେ ରହିଥିବା ଶୌଚାଳୟ ମରାମତି କିମ୍ବା ନୂତନ ଶୌଚାଳୟ ନିର୍ମାଣ ପାଇଁ ବିଏମ୍ସି କୌଣସି ପଦକ୍ଷେପ ନେଇପାରିବ ନାହିଁ।





ମୁଣ୍ଡମୁହାଣ ପଞ୍ଚୁଦୋଳ ମେଳନରେ ବଡ଼ରଘୁନାଥପୁର ଶ୍ରୀ ନୀଳକଣ୍ଠେଶ୍ୱରଙ୍କ ଦୋଳବିମାନ

## ପଞ୍ଚମବେଦର ନାଟକ ମହୋତ୍ସବରେ 'ଅବସର'



ଭୁବନେଶ୍ୱର, ୧୦।୩(ସମିସ): ପଞ୍ଚମବେଦର ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ଓ ପଞ୍ଚମବେଦ ସମ୍ମାନ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା ଭଞ୍ଜକଳା ମଣ୍ଡପଠାରେ ଅନୁଷ୍ଠିତ ହୋଇଛି। ଏହି ସନ୍ଧ୍ୟାରେ ପଞ୍ଚମବେଦ ନାଟ୍ୟ ଅନୁଷ୍ଠାନ ପକ୍ଷରୁ ନାଟକ 'ଅବସର' ମଞ୍ଚସ୍ଥ ହୋଇଛି।

କାହାଣୀରେ ପୁଅ ଜନ୍ମ କରିଥିବା ସେଇ ମଣିଷଟା, ସାରା ଜୀବନ ନିଜ ସୁଖକୁ ପଛରେ ପକାଇ ନିଜ ପେଟ କାଟି ତା ସନ୍ତାନର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ସ୍ୱପ୍ନ ଦେଖେ। ତେଲ ଲୁଣର ଅଢେଇ ଦିନିଆ ସଂସାର ଭିତରେ ନିଜ ପିଲାଙ୍କ ପାଇଁ କର୍ତ୍ତବ୍ୟ କରିଚାଲେ। ହେଲେ କର୍ମ ଚଞ୍ଚଳ ଜୀବନରେ ବାଟ ଚାଲୁ ଚାଲୁ ପରିଣତ ବୟରେ ସେ ଯେତେବେଳେ ଥକିଯାଏ ଅଣନିଶ୍ୱାସୀ ହୋଇ ଟିକିଏ ବିଶ୍ରାମ ଖୋଜେ। ତାଙ୍କୁ ବିଶ୍ରାମ ଦେବା କ'ଣ ପରିବାରର କର୍ତ୍ତବ୍ୟ ଏବଂ ସମାଜର ଦାୟିତ୍ୱ ନୁହେଁ। ଆଜିର ପୁତ୍ର ଆଗାମୀ କାଲି ପିତୃତ୍ୱର ଅଫୁରନ୍ତ ଆନନ୍ଦରେ ଉଲ୍ଲସିତ ହେବ। କର୍ମମୟ ଜୀବନରୁ ଅବ୍ୟାହତି ନେଲାପରେ ସେ ବି ତା ବାପାଙ୍କ ଭଳି ବିଶ୍ରାମ ଖୋଜିବ। ସମାଜରେ ତା ପିଲାମାନେ ତାକୁ ଅଦରକାରୀ ଭାବି ଯେତେବେଳେ ଘରକୋଣରେ ଫିଙ୍ଗିଦେବେ, ସେତେବେଳେ ବାର୍ଦ୍ଧକ୍ୟର ବୋଝଟା କାନ୍ଧରେ ବୋହି ବୋହି ସେ ବାଟ ଚାଲିପାରିବ ତ। ଏହି ବାର୍ତ୍ତା ସହ ମଞ୍ଚସ୍ଥ ହୋଇଛି ନାଟକ 'ଅବସର'। ଯାହାର ନିର୍ଦ୍ଦେଶନା ହରେନ୍ ସାହୁ ଦେଇଥିବାବେଳେ ନାଟ୍ୟକାର ହେଉଛନ୍ତି ହର ବାରିକ। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ପଞ୍ଚମବେଦର ଅନୁଷ୍ଠାନର ସମ୍ପାଦକ ପ୍ରକାଶ ମହାରଣା।

### ଜଗବନ୍ଧୁ ସ୍ୱାଇଁ ଓ ପ୍ରଥମ ଆୟୁଷ ସ୍ୱାଇଁ ମେମୋରିଆଲ୍ କ୍ରିକେଟ ଉଦ୍‌ଘାଟିତ

## ପ୍ରଥମ ଦିନରେ ଭଗବାନପୁର, କୁରାଙ୍ଗ ବିଜୟୀ

ଧଉଳି ୧୦।୩(ସମିସ): ଭୁବନେଶ୍ୱର ବ୍ଲକ ଅନ୍ତର୍ଗତ ବାଙ୍କୁଆଳ ଖେଳପଡ଼ିଆରେ ୧୫ତମ ଜଗବନ୍ଧୁ ସ୍ୱାଇଁ ଓ ପ୍ରଥମ ଆୟୁଷ ସ୍ୱାଇଁ ମେମୋରିଆଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇ ଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବାଙ୍କୁଆଳ ଗ୍ରାମ୍ୟ କମିଟି ମୁଖ୍ୟ ଉପଦେଷ୍ଟା କ୍ଷୀରୋଦ କୁମାର ସ୍ୱାଇଁ, ପ୍ରଫୁଲ୍ଲ କୁମାର ସ୍ୱାଇଁ, ଭାଗବତ ମୁଖୀ, ଅନ୍ତର୍ଯ୍ୟାମୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ଶ୍ରୀହରୀ ମାଳୀ, ପେଷ୍ଟାଗନ ପ୍ରାଲିଃର ନିର୍ଦ୍ଦେଶକ ଶକ୍ତି ମିଶ୍ର, ପ୍ରମୁଖ ଯୋଗଦେଇ ଥିଲେ। ପ୍ରଥମ ମ୍ୟାଚ୍ ପଳାଶପୁର ବନାମ ଭଗବାନପୁର ମଧରେ ଖେଳାଯାଇଥିଲା। ଭଗବାନପୁର ଟସ୍ ଜିତି ପ୍ରଥମେ ବ୍ୟାଟିଙ୍ଗ୍‌ର ନିଷ୍ପତ୍ତି ନେଇଥିଲା। ସତ୍ୟବ୍ରତ ମାଝିଙ୍କ ଦମଦାର ବ୍ୟାଟିଙ୍ଗ୍ କରି ୨୫ଟି ବଲରେ ବ୍ୟକ୍ତିଗତ ଭାବେ ୬୧ରନ୍ ଓ ସମ୍ବିତ ଦାସ ୨୩ବଲରେ ୬୯ ରନ କରିଥିଲେ। ଦଳ ସର୍ବମୋଟ ୨୩୬ ରନରେ ୬ଟି ୱିକେଟ୍ ହରାଇ ଥିଲା। ଜବାବ୍‌ରେ ପଳାଶପୁର ୧୮୦ ରନ କରି ନିର୍ଦ୍ଧାରିତ ୧୬ ଓଭର୍ ୭ ୱିକେଟ୍ ହରାଇ ପରାଜୟ ସ୍ୱାଦ ଚାଖିଥିଲା। ସତ୍ୟବ୍ରତ ମାଝିଙ୍କୁ ଅଲ୍ ରାଉଣ୍ଡର ପ୍ରଦର୍ଶନ ପାଇଁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ସେହି ପରି ଦ୍ୱିତୀୟ ମ୍ୟାଚ୍ ମେଣ୍ଢାଶାଳ ବନାମ କୁରାଙ୍ଗ ମଧରେ ୧୨ ଓଭର ବିଶିଷ୍ଟ ମ୍ୟାଚ୍ ଖେଳା ଯାଇଥିଲା। ଟସ୍ ଜିତି ପ୍ରଥମେ ମେଣ୍ଢାଶାଳ ବ୍ୟାଟିଙ୍ଗ୍ କରି ୧୦୮ ରନ୍ ସଂଗ୍ରହ କରି ସମସ୍ତ ହରାଇ ଥିଲା। ବିପକ୍ଷ ଦଳ କୁରାଙ୍ଗର ତ୍ରିଲୋଚନ ୩ ଓଭର ବୋଲିଂ କରି ଅତିରକ୍ତ ୧୩ ଦେଇ ୬ଟି ୱିକେଟ୍ ନେଇ ଥିଲେ। ବିଜୟ ଲକ୍ଷ୍ୟ ନେଇ କୁରାଙ୍ଗ ୬ ଓଭରରେ ୩ ୱିକେଟ ହରାଇ ୧୦୯ କରି ବିଜୟ ହାସଲ କହିଥିଲା। ଏହି ମ୍ୟାଚ୍‌ରେ ତ୍ରିଲୋଚନଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇ ଥିଲେ। ମା ଭଗବତୀ କ୍ରିକେଟ୍ କ୍ଲବ୍‌ର ସଦସ୍ୟ ଜିତ୍ରେନ୍ଦ୍ର ସ୍ୱାଇଁ, ରାଜେନ୍ଦ୍ର ସ୍ୱାଇଁ, ଗୌତମ ସ୍ୱାଇଁ, ସତ୍ୟବ୍ରତ ନାୟକ ମ୍ୟାଚ୍ ପରିଚାଳନା କରିଥିଲେ।



### ଶ୍ରୀଲିଙ୍ଗରାଜଙ୍କ ରଥଯାତ୍ରା ପାଇଁ ଚଳଚଞ୍ଚଳ ଏକାମ୍ରକ୍ଷେତ୍ର

## ରୁକୁଣା ରଥକାମରେ ଲାଗିଛନ୍ତି ୬୫ କାରିଗର

ଭୁବନେଶ୍ୱର, ୧୦।୩(ସମିସ): ଆସନ୍ତା ୨୬ ତାରିଖ ଚୈତ୍ର ମାସ ଆଶୋକାଷ୍ଟମୀରେ ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କ ରୁକୁଣା ରଥଯାତ୍ରା ଅନୁଷ୍ଠିତ ହେବ। ଏଥିପାଇଁ ଏକାମ୍ରକ୍ଷେତ୍ର ରଥଖଳା ଚଳଚଞ୍ଚଳ ହୋଇପଡ଼ିଛି। ହାତରେ ଆଉ ଅଳ୍ପ ଦିନ ରହିଥିବାରୁ କାରିଗରମାନେ ନିମଗ୍ନ ହୋଇ ରଥ ନିର୍ମାଣ କାର୍ଯ୍ୟରେ ଲାଗିପଡ଼ିଛନ୍ତି। ରଥଯାତ୍ରାକୁ ଆଉ ମାତ୍ର ୧୫ ଦିନ ବାକି ଥିବାବେଳେ ଆସନ୍ତା ୨୫ ତାରିଖରେ ରଥ ନିର୍ମାଣ କାର୍ଯ୍ୟ ସରିବା ପାଇଁ ପ୍ରଶାସନ ପକ୍ଷରୁ ଦିନ ଧାର୍ଯ୍ୟ କରାଯାଇଛି। ଏଥିପାଇଁ ୬୫ ଜଣ କାରିଗର କାମରେ ଲାଗି ପଡ଼ିଛନ୍ତି।

ଚଳିତ ବର୍ଷ ରଥକାମରେ ୫ ପାଳିଆ ସେବାୟତ, ମୁଖ୍ୟ କାରିଗର ୧, ବେହେରା ସେବାୟତ ୧୨, ଗାଁ ଓ ବାହାର ମହାରଣା ସେବାୟତ ୪୭ ଜଣ ମହାରଣା ଓ ବେହେରା ସେବାୟତ ରହିଛନ୍ତି। ଏହି କାରିଗରଙ୍କ ମଧ୍ୟରୁ କିଛି କାରିଗର କାଠଗଣ୍ଡିରେ ମାପଚୁପ କରୁଥିବାବେଳେ ଆଉ କିଛି କାରିଗର ନିହାଣ ଦ୍ୱାରା ବିନ୍ଧ ପ୍ରସ୍ତୁତ କରିବାରେ ବ୍ୟସ୍ତ ରହିଛନ୍ତି। ବୁଧବାର କାରିଗରାମାନେ କଣ୍ଟାଶାଳକୁ ଶୁଭ ଦେଇ ରଥ ପାଇଁ କଣ୍ଟା ପ୍ରସ୍ତୁତ କରିବେ। ରଥକାମକୁ ତଦାରଖ କରିବା ପାଇଁ ପଞ୍ଚଜଣ ପାଳିଆ ମହାରଣା ରହିଥିବା ବେଳେ ଜଣେ ମୁଖ୍ୟ ମହାରଣା ଥାଆନ୍ତି। ଏମାନଙ୍କ ମଧ୍ୟରୁ ଜଣେ ପାଳିଆ ସର୍ଦ୍ଦାର ମହାରଣା ରଥ କାଠକୁ କୁରାଢ଼ୀ ଓ ବଟାଳିରେ ଚୋଟ ଦେବା ପରେ ରଥ କାମ ଆରମ୍ଭ ହୋଇଥାଏ।

ଏହି ବର୍ଷର ପାଳିଆ ସର୍ଦ୍ଦାର ମହାରଣା ସେବାୟତ ଭାବେ ସୋମନାଥ ମହାରଣା ରହିଛନ୍ତି। କାରିଗରମାନେ ସକାଳ ସାଢ଼େ ଆଠଟାରୁ ସନ୍ଧ୍ୟା ୯ଟା ପର୍ଯ୍ୟନ୍ତ ରଥକାମରେ ନିୟୋଜିତ ରହୁଛନ୍ତି। ପ୍ରାୟ ୫୦ ଫୁଟ ଉଚ୍ଚତା ବିଶିଷ୍ଟ ଏହି ରଥର ଉଭୟ ଦୈର୍ଘ୍ୟ ଓ ପ୍ରସ୍ଥ ୨୭ ଫୁଟ ଲେଖାଏଁ ରହିବ। ରଥ ତିଆରି ପାଇଁ ଧଉଳା, ଆମ୍ବ, ବେଲ, ତେନ୍ତୁଳୀ, ମହୀ, ଶିମିଳୀ, ବାନ୍ଧଣ ଗଛ କାଠ ବ୍ୟବହାର ହୋଇଥାଏ। ଏନେଇ ଚଳିତ ବର୍ଷର ରଥର ମୁଖ୍ୟ ସେବାୟତ ସୋମନାଥ ମହାରଣା କୁହନ୍ତି ଆଉ କିଛି ଜଣ କାରିଗର ରଥକାମରେ ଯୋଗଦେଇ ନାହାନ୍ତି। ଦିନେ କିମ୍ବା ଦୁଇଦିନ ଭିତରେ ରଥକାମରେ ନିୟୋଜିତ ହେବେ। ପ୍ରଶାସନ ପକ୍ଷରୁ ଖାଦ୍ୟ ଓ ପାନୀୟ ସେବାର ବ୍ୟବସ୍ଥା କରାଯାଇଛି ବୋଲି ସେ କହିଛନ୍ତି।



## 'ଆମରି କଥା' ଓଡ଼ିଶାର ଲକ୍ଷପତି ଚାଷୀଙ୍କ ସଫଳ କାହାଣୀ



ଭୁବନେଶ୍ୱର, ୧୦।୩(ସମିସ): ଟାଟା ଟ୍ରଷ୍ଟର ଏକ ପ୍ରୟାସ କଲେକ୍ଟିଭ୍ସ ଫର ଇଣ୍ଟିଗ୍ରେଟେଡ୍ ଲାଇଭଲିହୁଡ୍ ଇନିସିଏଟିଭ୍ସ ଦ୍ୱାରା ମଙ୍ଗଳବାର ଭୁବନେଶ୍ୱରର ନୟାପଲ୍ଲୀସ୍ଥିତ ହୋଟେଲ ପ୍ରେସିଡେନ୍ସିରେ 'ଆମରି କଥା - ସ୍ଥିତି, ନବସୃଜନ ଏବଂ ପ୍ରଭାବର କାହାଣୀ' ଶୀର୍ଷକ ଏକ କ୍ରସ୍-ଲର୍ଣ୍ଣିଂ ଇଭେଣ୍ଟ ସଫଳତାର ସହିତ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ସରକାରୀ ଅଧିକାରୀ, ବିକାଶ ଅଂଶୀଦାର, କୃଷି ଉଦ୍‌ଯୋଗୀ ଏବଂ ଚାଷୀମାନଙ୍କୁ ଲକ୍ଷପତି ଚାଷୀ ଏବଂ ମହିଳା ଉଦ୍ୟୋଗୀଙ୍କ ପ୍ରେରଣାଦାୟକ କାହାଣୀଗୁଡ଼ିକୁ ପାଳନ ଏବଂ ବାଣ୍ଟିବାକୁ ଏକତ୍ର କରିଥିଲା ଯେଉଁମାନେ ସ୍ଥାୟୀ କୃଷି ଏବଂ ବଜାର ସଂଯୋଗୀକରଣ ମାଧ୍ୟମରେ ସେମାନଙ୍କ ଜୀବିକାରେ ଉଲ୍ଲେଖନୀୟ ଉନ୍ନତି ଆଣିଛନ୍ତି। କୃଷି ଏବଂ କୃଷକ ସଶକ୍ତୀକରଣ ବିଭାଗର ଅତିରିକ୍ତ ସଚିବ ଶୁଭ୍ରାଂଶୁ ମିଶ୍ର ସମାବେଶକୁ ସମ୍ବୋଧିତ କରିଥିଲେ।

ଏହି କାର୍ଯ୍ୟକ୍ରମରେ ଅନେକ ଲକ୍ଷପତି ଦିଦିଙ୍କୁ ସେମାନଙ୍କର ସଫଳତା ଏବଂ ଗ୍ରାମୀଣ ଆର୍ଥିକ ସଶକ୍ତିକରଣରେ ଅବଦାନ ପାଇଁ ୧୫ ଜଣ ଲକ୍ଷପତି ଦିଦିଙ୍କୁ ସମ୍ମାନିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କଲେକ୍ଟିଭସ୍ ଫର୍ ଇଣ୍ଟେଗ୍ରଟେଡ ଲାଇଭଲିହୁଡ ଇନିସିଏଟିଭସ୍‌ର ସିନିର ରାଜ୍ୟ ମୁଖ୍ୟ ଶାନ୍ତନୁ ଦତ୍ତ, ଆଞ୍ଚଳିକ ପରିଚାଳକ ଚନ୍ଦ୍ରମଣି ସାହୁ ଆଦି ଉପସ୍ଥିତ ଥିଲେ। ଏହି ମଞ୍ଚକୁ ସୌରଭ ସୁମନ୍ ଏବଂ ପୌଲମୀ ଘୋଷ ପରିଚାଳନା କରିଥିଲେ।

## ପୁଣି କଳାପତାକା ଧରିବ ଭାଷା ଆନ୍ଦୋଳନ

ଭୁବନେଶ୍ୱର, ୧୦।୩(ସମିସ): ଓଡ଼ିଆ ଭାଷାରେ ସରକାରୀ କାର୍ଯ୍ୟ ଓ ଭାଷା ଆଇନ ଖିଲାପକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ପୂର୍ବ ପରି କଳାପତାକା ଅଭିଯାନ ଆରମ୍ଭ କରିବାକୁ 'ଭାଷା ଆନ୍ଦୋଳନ, ଓଡ଼ିଶା' ପକ୍ଷରୁ ସୂଚନା ଦିଆଯାଇଛି। ଏ ନେଇ ବିଧିବଦ୍ଧ ଭାବେ ମୁଖ୍ୟମନ୍ତ୍ରୀ ଏବଂ ମୁଖ୍ୟଶାସନ ସଚିବଙ୍କୁ ଦାବି ପତ୍ର ପ୍ରଦାନ କରିଛି ଅନୁଷ୍ଠାନ। ଆସନ୍ତା ଉତ୍କଳ ଦିବସ ପୂର୍ବରୁ ଯଦି ଓଡ଼ିଆରେ ଓଡ଼ିଶାର ଶାସନ ପାଇଁ ବିଧି ବ୍ୟବସ୍ଥା କଡାକଡି ପାଳନ ପାଇଁ ବର୍ତ୍ତମାନର ସରକାର ଯଦି ପ୍ରକ୍ରିୟା ଆରମ୍ଭ ନ କରନ୍ତି, ତେବେ ୨୦୧୬ ମସିହାରେ ଆରମ୍ଭ କରାଯାଇଥିବା କଳାପତାକା ଅଭିଯାନର ଦ୍ୱିତୀୟ ପର୍ଯ୍ୟାୟ ପୁନର୍ବାର ଚଳିତ ବର୍ଷ ଏପ୍ରିଲ ୧୪ ତାରିଖ ଠାରୁ ଆରମ୍ଭ କରାଯିବ ବୋଲି ଅନୁଷ୍ଠାନ କହିଛି। ଏଥିପାଇଁ ଅନୁଷ୍ଠାନ ପ୍ରାୟ ୧୮ଟି ଦାବି ଉପସ୍ଥାପନ କରିଛି। ସେହି ଦାବି ଗୁଡିକ ଭିତରେ ଓଡ଼ିଆରେ ଓଡ଼ିଶାର ଶାସନ ପାଇଁ ୨୦୧୯ ମସିହାରେ ଲାଗୁ ହୋଇଥିବା ନିୟମାବଳୀକୁ କଡାକଡ଼ିପାଳନ କରାଯିବା, ସମସ୍ତ ସ୍କୁଲ ଗୁଡିକରେ ଓଡ଼ିଆ ଭାଷା ଶିକ୍ଷକ ନିଯୁକ୍ତି ବାଧ୍ୟତାମୂଳକ କରାଯିବା ଆଦି ରହିଛି। ଏପରିକି ଓଡ଼ିଆ ବିଏଡ୍, ଏମେଡ୍ ପ୍ରଶିକ୍ଷଣ ସହ ଭାଷା ପ୍ରତିଷ୍ଠାନ ମାଧ୍ୟମରେ ସରକାରୀ କର୍ମଚାରୀଙ୍କୁ ନିୟମିତ ଭାବେ ସଠିକ ଉପାୟ ତଥା ଭର୍ଚୁଆଲ ମାଧ୍ୟମରେ ପ୍ରଶିକ୍ଷଣ ଦିଆଯିବା ପାଇଁ ଅନୁଷ୍ଠାନ ଦାବି କରିଛି। ବିଜେପି ସଂକଳ୍ପ ପତ୍ର ମୁତାବକ ରାଜ୍ୟ ସଂଗ୍ରହାଳୟରୁ ୨୦ ହଜାର ପାଣ୍ଡୁଲିପି ଓ ୫୦ ହଜାର କଳାକୃତି ନିଖୋଜର ଉଦ୍ଧାର କରାଯିବାକୁ ଦାବି କରାଯାଇଛି। ସୀମାବର୍ତ୍ତୀ ଜିଲ୍ଲା ଗୁଡିକରେ ବିଧି ମୁତାବକ ଓଡ଼ିଆ ଜିଲ୍ଲାପାଳ ନିଯୁକ୍ତି ସହ ବ୍ରହ୍ମପୁରସ୍ଥିତ 'ଉତ୍କଳ ଆଶ୍ରମ'କୁ ଐତିହ୍ୟସ୍ଥଳୀର ମାନ୍ୟତା ଦେଇ ସରକାର ରକ୍ଷଣାବେକ୍ଷଣ ଦାୟିତ୍ୱ ବହନ କରିବାକୁ ଦାବି ହୋଇଛି। ସୁଭାଷଚନ୍ଦ୍ର ବୋଷ ଏବଂ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କର ସୁଉଚ୍ଚ ପ୍ରତିମୂର୍ତ୍ତି ନିର୍ମାଣ କରାଯାଉ। ଓଡ଼ିଆ ଭାଷା ଉତ୍କର୍ଷ କେନ୍ଦ୍ରକୁ ସ୍ୱୟଂଶାସିତ କରାଯାଉ। ଓଡ଼ିଶା ବିଧାନସଭାର ସଭା ଗୃହରେ 'ବନ୍ଦେ ଉତ୍କଳ ଜନନୀ ଗାନ' କରାଯାଉ। ଏହି ଦାବିଗୁଡିକ ଉତ୍କଳ ଦିବସ ପୂର୍ବରୁ ପୂରଣ ନନେଲେ ସମଗ୍ର ରାଜ୍ୟରେ ଭାଷା ଆନ୍ଦୋଳନ ପକ୍ଷରୁ କଳାପତାକା ପ୍ରତିବାଦ ଆରମ୍ଭ କରାଯିବ ବୋଲି ମଙ୍ଗଳବାର ସାମ୍ବାଦିକ ସମ୍ମିଳନୀରେ ଭାଷା ଆନ୍ଦୋଳନ ପକ୍ଷରୁ ସୂଚନା ଦିଆଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟକ୍ଷ ଇଂ ଚକ୍ରଧର ମହାନ୍ତ, ସଭାପତି ଜାନକୀ ବଡ଼ପଣ୍ଡା, ଆବାହକ ପବିତ୍ର ମହାରଥା, ଉପ ସଭାପତି ନବ କିଶୋର ପ୍ରଧାନ, ଉପ ସଭାପତି ସାଗର ଶତପଥୀ, ଉପ ସଭାପତି ସାରଦା ପ୍ରସାଦ ମହାପାତ୍ର ଉତ୍କଳ ସାମ୍ବାଦିକ ସଂଘର ସଭାପତି ବିଭୁତି ଭୂଷଣ କର ପ୍ରମୁଖ ଉପସ୍ଥିତ ଥିଲେ ବୋଲି ଆବାହକ ପବିତ୍ର ମହାରଥା ସୂଚନା ଦେଇଛନ୍ତି।



## ୱାକର୍ସ କ୍ଲବ୍ ପକ୍ଷରୁ ମହିଳା ଦିବସ

ଭୁବନେଶ୍ୱର, ୧୦।୩(ସମିସ): ୱାକର୍ସ ଇଣ୍ଟରନ୍ୟାସନାଲ ଦ୍ୱାରା ଅନୁବନ୍ଧିତ ଆଇଆଇସି ଭିଲେଜ୍, ଭୁବନେଶ୍ୱରରେ ନୂତନ ଭାବେ ଗଠିତ ମହିଳା ୱାକର୍ସ କ୍ଲବ୍ 'ଫେମି'ଏଫ୍ଏଫ୍ସି ଓ ଜୟ ଓଡ଼ିଶା ୱାକର୍ସ କ୍ଲବ୍ ଆନୁକୂଲ୍ୟରେ ଏନ-୩ ପାର୍କରେ ଆନ୍ତଃରାଷ୍ଟ୍ର ମହିଳା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହିଳା କର୍ପୋରେଟର ମାନସୀରାଣୀ ସୁନ୍ଦରାୟ, ଫେମିର ସଭାପତି ସଂଯୁକ୍ତା ପଣ୍ଡାଙ୍କୁ ସମ୍ମାନିତ କରାଯାଇଥିଲା। ଫେମି ପକ୍ଷରୁ ଏଫ୍ଏଫ୍ସିର ପୂର୍ବତନ ଆଶିଷ ପଟ୍ଟନାୟକ, ସମ୍ପାଦକ ସୈଭାଗ୍ୟ ନାୟକ, ଜୟ ଓଡ଼ିଶାର ରୁଦ୍ରନାରାୟଣ ସାମନ୍ତରାୟ, ଓ କ୍ଲବ୍‌ର ମହିଳା କିଛି ମହିଳା ୱାକର୍ସ ମୁଭମେଣ୍ଟକୁ ଶ୍ରେଷ୍ଠତ୍ୱ ପ୍ରତିପାଦନ କରି ଆସୁଥିବାରୁ ତାଙ୍କୁ ସମ୍ମାନିତ କରାଯାଇଥିଲା।

# ପରିସ୍ଥିତି ବଦଳେଇଲା ଜୀବନ ଜୀବିକା




ଭୁବନେଶ୍ୱର, ୧୦।୩(ସମିସ): ଦରକାରୀ ଜିନିଷକୁ ବାଛି ନେବାପରେ ଆମେ ଯାହା ଫିଙ୍ଗି ଦେଉ ସେସବୁ ଅଦରକାରୀ। ଯେଉଁମାନେ ଏହାକୁ ଆବୋରି ନିଅନ୍ତି ସେମାନେ ଅଦରକାରୀର ମାଲି। ସମାଜ ତାଙ୍କୁ କହେ ଜରି ଗୋଟାଳି। ଯିଏ ଏ ସମାଜରୁ ପୁରୁଣା ବାଛି ନେଇ ନୂଆ କରେ ସଡ଼କ, ସଭ୍ୟତା ଆଉ ସାରା ସଂସାର। ନିଜ କର୍ମକୁ ଆଦରି ନେଇ ଯିଏ ନିଇତି ନୂଆ କରି ଚାଲନ୍ତି ଏ ପୃଥିବୀକୁ ସିଏ ହିଁ ଜରି ଗୋଟାଳି।

ସେମିତି ଜଣେ ମଣିଷ ହେଉଛନ୍ତି ବାଘା ମଲ୍ଲିକ। ଘର ୟୁନିଟ ୨ ରେ ଥିବା ଏକ ବସ୍ତିରେ ରୁହନ୍ତି। ବୟସ ୬୦ରୁ ଊର୍ଦ୍ଧ୍ୱ ହେବ, ହସ ହସ ମୁହଁ। ଆଉ ନିଜ କାମକୁ ନେଇ ପ୍ରଚୁର ଉତ୍ସାହ। ସକାଳ ଉଠି ସେ ଜରି ଗୋଟାଇବାକୁ ଘରୁ ବାହାରି ଯାଆନ୍ତି। ପୁଣି ରାତି ହେଲେ ଦୋକାନ ବନ୍ଦ ସମୟରେ ଯାଇ ଲାଗିଥାନ୍ତି ସେହି କାମରେ। ବେଳରୁ ଏହା ତାଙ୍କ ପେଷା ବା ଜିବୀକା ନଥିଲା। ହେଲେ ସମୟ ଓ ପରିସ୍ଥିତି ତାଙ୍କୁ ଜିବୀକା ବଦଳେଇବାକୁ ବାଧ କରିଛି। ଏହି ଜରି ଗୋଟାଳି କାମ ସେ ଦୀର୍ଘ ୭ ବର୍ଷ ହେଲା କରୁଛନ୍ତି ଏହା ପୂର୍ବରୁ ସେ ରିକ୍ସା ଚାଳକ ଭାବେ କାମ କରୁଥିଲେ। ହେଲେ ପରିବର୍ତ୍ତିତ ସମୟ ସହ ତାଳ ଦେଇ ଚାଲୁଥିବା ମଣିଷ ଭୁଲିଗଲା ରିକ୍ସାରେ ବସିବା। ବ୍ୟବହାର କମିବାରୁ ଧୀରେ ଧୀରେ ଅଚଳ ହେବାକୁ ଲାଗିଲା ରିକ୍ସା। ରାଜଧାନୀ ରାସ୍ତାରେ ଅନେକ ରିକ୍ସା ଗଡ଼ିବା ବନ୍ଦ ହୋଇଗଲା। ପରେ ପରେ କରୋନାର ସମୟ ପରିସ୍ଥିତିକୁ ଆହୁରି ଜଟିଳ କରିଦେଲା। ଫଳରେ ପେଟପାଟଣାର ରାସ୍ତା ବଦଳେଇବାକୁ ବାଧ ହେଲେ ବାଘା ମଲ୍ଲିକ। ସେଥିପାଇଁ ଆଜି ସେ ରିକ୍ସା ଚାଳକରୁ ସେ ପାଲଟିଛନ୍ତି ଜରି ଗୋଟାଳି। ପରିବାରରେ ସଦସ୍ୟଙ୍କ ଆବଶ୍ୟକତା ମେଣ୍ଟାଇବା ଥିଲା ତାଙ୍କ ପ୍ରାଧାନ୍ୟତା। ରିକ୍ସା ଅପେକ୍ଷା ଏବେ ଏଥିରେ ଯାହା ଯେତିକି ମିଳୁଛି। ଦିନକୁ କେତେବେଳେ ୨ ଶହ ତ କେତେବେଳେ ୩ ଶହ ମିଳେ ହେଲେ, ସେଇଥିରେ ଦୁଃଖରେ ସୁଖରେ ଚଳିବା କଥା ବୋଲି ଏକ ମୁରୁକି ହସ ଦେଇ କହିଥିଲେ। ବୟସର ଛାପ ଓ ଦାୟିତ୍ୱ ଭାରରେ ନଇଁ ଯାଇଥିବା କାନ୍ଧ ତାଙ୍କୁ ଚାହିଁଲେ ସ୍ପଷ୍ଟ ଜଣା ପଡ଼ିଯାଉଥିଲା। ହେଲେ ପରିବାର ପୋଷିବା ଓ ଘର ଚଳେଇବାର ସେ ଦାୟିତ୍ୱ ତାଙ୍କୁ ରାତିରେ ଶୁଆଇ ଦେଇନି କି ହାତ ଦୁଇଟି ଅଟକି ଯାଇନି ବୋଲି ମଧ ସେ କୁହନ୍ତି। ଦିନକୁ ଏହିପରି ଆଖପାଖ ଅଞ୍ଚଳ ଓ ଦୋକାନୀଙ୍କଠୁ ଯାଇ ଜରି ସଂଗ୍ରହ କରି ଆଣନ୍ତି। କିଲୋ ପିଛା ତାଙ୍କୁ ୧୦ ରୁ ୧୫ ଲେଖାଏଁ ମିଳେ। ଜରି ଗୋଟାଳିଙ୍କ ଦୁଃଖ ବୁଝିବାକୁ କେହି ନାହାନ୍ତି। ସରକାରଙ୍କ ତରଫରୁ କୌଣସି ସୁବିଧା ତାଙ୍କ ପାଇଁ ମଧ ଯୋଗାଇ ଦିଆଯାଉ ବୋଲି ସେ ଅନୁରୋଧ କରିଥିଲେ।

